୨୬ ବର୍ଷରେ

ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

Vol.26 . No.71 Bhubaneswar Monday April 22 2024 | ୨୬ତମ ବର୍ଷ ସଂଖ୍ୟା-୭୧ ଭୁବନେଶ୍ୱର, ସୋମବାର, ଅପ୍ରେଲ ୨୨, ୨୦୨୪ | (୮ ପୃଷ୍ଠା) | ମୂଲ୍ୟ-୧.୫୦ ₹1.50 | (Air Surcharge - 0.50P) | Member-INS


## ଡିଏମଏଫ ଫଣ୍ଡରୁ ୯ କୋଟି ଟଙ୍କା ନେଇଗଲେ, ଅକଳରେ ବ୍ୟାଙ୍କ କର୍ତ୍ତୃପକ୍ଷ

ଖଣି ଅଞ୍ଚଳର ବିକାଶ ପାଇଁ ଗଠନ ହୋଇଥିଲା DMF ଫଣ୍ଡ। ଆଜି ସେଥିରୁ ୯ କୋଟିରୁ ଅଧିକ ଟଙ୍କା ହଡପ୍ ହୋଇଛି। ୪ଟି ଚେକ୍ ଦେଇ ବ୍ୟାଙ୍କକୁ ଚୂନା ଲଗାଇଦେଲେ ବାହାର ରାଜ୍ୟର କମ୍ପାନୀ। ଯାହାକୁ ନେଇ ହରଡ ଘଣାରେ ପଡିଛନ୍ତି ବ୍ୟାଙ୍କ ଅଫ୍ ଇଣ୍ଡିଆର ବାରିପଦା ଶାଖା କର୍ତ୍ତୃପକ୍ଷ। ଟଙ୍କା ହଡପ୍ ହୋଇଥିବା ଜାଣି ବ୍ୟାଙ୍କ କର୍ତ୍ତୃପକ୍ଷ ଆଜି ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ମୟୂରଭଞ୍ଜ ପିଡି ଡିଆରଡିଏ ଅଧୀନରେ ରହିଛି District Mineral Foundation(DMF)। ଖଣି ଅଞ୍ଚଳର ବିକାଶ କରିବା ପାଇଁ ଏହି ଫଣ୍ଡ ଗଠନ କରାଯାଇଥିଲା। ଏହାର ଆକାଉଣ୍ଟ ବାରିପଦା ଟାଉନ୍‌ରେ ଥିବା ବ୍ୟାଙ୍କ ଅଫ୍ ଇଣ୍ଡିଆ ଶାଖାରେ ରହିଛି। ଜିଲ୍ଲା ପ୍ରଶାସନର ଅଜାଣତରେ ଏହି ଫଣ୍ଡର ୨ଟି ଚେକ୍ ଗତ ୧୦ ତାରିଖରେ




ବ୍ୟାଙ୍କରେ ଜମା ହୋଇଥିଲା। ବ୍ୟାଙ୍କ କର୍ତ୍ତୃପକ୍ଷ କୌଣସି ତର୍ଜମା ନକରି Chq No-୦୧୭୭୯୫ରେ ୨,୬୮,୪୨,୩୦୦ ଟଙ୍କା ପିଟି କନଷ୍ଟ୍ରକ୍ସନ୍ ଆଣ୍ଡ ସପ୍ଲାୟର୍ସ ଆକାଉଣ୍ଟ ଟ୍ରାନ୍ସଫର କରାଯାଇଥିବା ବେଳେ ଉକ୍ତ No-୦୧୭୭୬ରେ ୧,୮୪,୨୭,୪୦୦ ଟଙ୍କା ଏସ୍‌କେ ଏଣ୍ଟ୍ରପ୍ରାଇଜେସ୍‌କୁ ଟ୍ରାନ୍ସଫର କରିଥିଲେ।

## ବିଜେଡିର ଛିଡୁନି ୧୨ ଆସନ ଅଙ୍କ

ଭୁବନେଶ୍ୱର,୨୧।୪(ପି.ଏନ): ବିଜେଡିର ବାକି ଥିବା ୧୨ ଆସନରେ ଛିଡୁନି କି ଅଙ୍କ କୁହାଯାଉଛି ଏ ସବୁ ଆସନ ପାଇଁ ଲବିରେ ଅଛନ୍ତି ବହୁ ହେଭିୱେଟ୍। ତେଣୁ କାହାକୁ ଟିକେଟ ଦେବ ଓ କାହାକୁ ମ୍ୟାନେଜ୍ କରିବ, ସେହି ଚିନ୍ତାରେ ପଡି ଯାଇଛି ଦଳ। ଏମିତିରେ ତ ଯେଉଁଠି ଟିକେଟ କଟିଛି ସେଠି ବିଦ୍‌ରୋହ ଆରମ୍ଭ ହୋଇଗଲାଣି। ଏମିତି ସ୍ଥିତିରେ ବାକି ୧୨ ଆସନରେ ଦଳ କ'ଣ ଷ୍ଟ୍ରାଟେଜି ଆପଣାଉଛି, ଦେଖିବା କଥା।ଯାଜପୁରର ଦୁଇ ସିଟ୍ କୋରେଇ ଓ ବରୀରେ ପ୍ରାର୍ଥୀ ଘୋଷଣା ହୋଇନି। କୋରେଇରେ ଦୁଇ ପରିବାର ଭିତରେ ପତିଆରା ଫାଇଟକୁ ନେଇ ଦ୍ୱନ୍ଦ୍ୱରେ ଦଳ। ସାଙ୍ଗଠନିକ ସଂପାଦକ ପ୍ରଣବ ପ୍ରକାଶ ଦାସ ଓ ପ୍ରୀତି ରଞ୍ଜନ ଘଡାଇ ପରିବାର ଭିତରେ ଚାଲିଛି ଲଢେଇ। ଗୋଟିଏ ପଟେ ପ୍ରଣବ ପ୍ରକାଶଙ୍କ ନିଜ ଭାଇ ଭବପ୍ରସାଦ ଦାସ, ଅନ୍ୟପଟେ ନିଜ ପତ୍ନୀ ଝିଲିକଙ୍କ ପାଇଁ ଟିକେଟ ଲବିରେ ଅଛନ୍ତି ସୁକିନ୍ଦା ବିଧାୟକ ପ୍ରୀତି ରଞ୍ଜନ ଘଡାଇ। ତେଣୁ ଏଠୁ ଦଳ କାହାକୁ ଟିକେଟ ଦେବ ତାକୁ ନେଇ ଦ୍ୱନ୍ଦ୍ୱରେ।

## ମାଲକାନଗିରିରେ ବିଜେଡିକୁ ଶକ୍ତ ଝଟକା: ଶଙ୍ଖ ଛାଡି ପଦ୍ମ ଧରିଲେ ୨୦ରୁ ଉର୍ଦ୍ଧ୍ୱ ତୁଙ୍ଗନେତା

ମାଲକାନଗିରି,୨୧।୪(ପି.ଏନ): ବିଜେଡିକୁ ଶକ୍ତ ଧକ୍କା ଲାଗିଛି। ଲକ୍ଷ୍ମୀପ୍ରିୟାକୁ ଟିକଟ ଦେବା ପରେ ଇସ୍ତଫାର ସୁଅ ଛୁଟୁଥିଲା। ମାଥିଲି ବ୍ଲକ ଅଧକ୍ଷ, ଖଇରପୁଟ ବ୍ଲକ ଅଧକ୍ଷ ସମେତ ଏହି ଦୁଇ ବ୍ଲକର ଉପାଧକ୍ଷ ମଧ ବିଜେଡିରୁ ଇସ୍ତଫା ଦେଇଥିଲେ। ଆଜି ମାଥିଲିର ବ୍ରାହ୍ମଣଗୁଡା ଠାରେ ବିଜେପି ତରଫରୁ ଆୟୋଜିତ ମିଶ୍ରଣ ପର୍ବରେ ବିଜେଡି, କଂଗ୍ରେସର ଏକ ହଜାରରୁ ଉର୍ଦ୍ଧ୍ୱ କର୍ମୀ ଆଜି ବେଜିପିରେ ସାମିଲ ହୋଇଥିଲା, ଯାହାକି ଏକ ରେକର୍ଡ କହିଲେ ଅତ୍ୟୁକ୍ତି ହେବ ନାହିଁ। ବିଜେପିର ଜିଲ୍ଲା ସଭାପତି ନିମାଇଁ ପାଲଙ୍କ ନେତୃତ୍ୱରେ ଆୟୋଜିତ ଏହି ମିଶ୍ରଣ ପର୍ବରେ ମାଥିଲି ବ୍ଲକ ସଭାପତି ମହେଶ ବାକା, ଖଇରପୁଟ ବ୍ଲକ ସଭାପତି ବିଘ୍ନ କିରସାନି, ମାଥିଲି ଉପାଧକ୍ଷା ଦେବକୀ ଦଳେଇ, ଖଇରପୁଟ ବ୍ଲକ ଉପାଧକ୍ଷା ସାବିତ୍ରୀ ମୁଦୁଲି ସମେତ ସରପଞ୍ଚ ପ୍ରମିଳା ଗୁଣ୍ଠା, ଦଇମତି ଗୋଲପେଦା, ମଙ୍ଗଳା ଶିଶା, ମୁକ୍ତା ହନ୍ତାଳ, ସଂଜୀବ କୁମାର ପଣ୍ଡା, ସ୍ୱରାଜ ପଣ୍ଡା, ସଦାଶିବ କିରସାନି, ମୁକୁନ୍ଦ ମାଝି, ବଳାମ କିରସାନି, ଗଦରି ବଡନାୟକ ସମେତ ବହୁ ଲୋକ ପ୍ରତିନିଧି ଆଜି ପଦ୍ମ ଧରିଥିଲେ। ମିଶ୍ରଣ ପର୍ବରେ ହଜାର ହଜାର ସଂଖ୍ୟାରେ ବିଜେପି କର୍ମୀ ସମେତ



ପଦ୍ମ ଧରୁଥିବା ବିଭିନ୍ନ ପାର୍ଟିର କର୍ମୀ ମଧ ଉପସ୍ଥିତ ରହି ଶକ୍ତି ପ୍ରଦର୍ଶନ କରିଥିଲେ। ଏଥର ଚିତ୍ରକୋଣ୍ଡା ବିଜେପି ହାତରେ ବୋଲି ମଞ୍ଚରେ ନେତାମାନେ ଦୃଢୋକ୍ତି ପ୍ରକାଶ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ବିଧାୟକ ପ୍ରାର୍ଥୀ ଡମ୍ବରୁ ଶିଶାଙ୍କୁ ପ୍ରାର୍ଥୀ କରିଥିବାରୁ ଅଂଚଳବାସୀ ବିଜେପିକୁ ଧନ୍ୟବାଦ ଦେଇଥିଲେ। ଲକ୍ଷ୍ମୀପ୍ରିୟା ଏବଂ ଡମ୍ବରୁ ଶିଶାଙ୍କ ମଧରେ ସିଧା ଟକ୍କର ହେବ ବୋଲି ଆଲୋଚନା ହେଉଥିଲା। ଗତଥର କଂଗ୍ରେସ ଦ୍ୱିତୀୟ ସ୍ଥାନରେ ରହିଥିବା ବେଳେ ଏଥର କିନ୍ତୁ ବିଜୟ ଲାଭ କରିବ ବୋଲି ଆଶା ପ୍ରକଟ କରିଛି।ବିଜେଡିରେ ଟିକଟ ବଣ୍ଟନକୁ ନେଇ ଲାଗିଥିବା ଦ୍ୱନ୍ଦ ଯୋଗୁଁ ଏଭଳି ପରିସ୍ଥିତି ସୃଷ୍ଟି ହୋଇଥିବା କୁହାଯାଇଛି।

ଅନ୍ୟଦିଗରେ ବିଜେଡି କିନ୍ତୁ କୌଣସି ଫରକ ପଡିବ ନାହିଁ ବୋଲି ସଫା ସଫା କହିଛି। ଚିତ୍ରକୋଣ୍ଡା ବିଜେଡିର ଗଡ ରହିଛି ଏବଂ ରହିବ ବୋଲି ଯୁକ୍ତି ବାଢିଛି। ତେବେ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ବାକାଙ୍କ ଗତିବିଧି ଉପରେ ସମସ୍ତଙ୍କ ନଜର ରହିଛି। ସେ ଦଳ ଛାଡିବେ ନା ଦଳରେ ରହି ଲକ୍ଷ୍ମୀପ୍ରିୟାଙ୍କୁ ଜିତାଇବାରେ ପ୍ରମୁଖ ଭୂମିକା ଗ୍ରହଣ କରିବେ ଆଗାମୀ ଦିନରେ ଜଣାପଡିବ ବୋଲି କୁହାଯାଇଛି। ଆଜି ମିଶ୍ରଣ ପର୍ବରେ ଅନ୍ୟମାନଙ୍କ ମଧରେ ମାଲକାନଗିରି ବିଧାୟକ ଆଦିତ୍ୟ ମାଢି, ବିଧାୟକ ପ୍ରାର୍ଥୀ ଡମ୍ବରୁ ଶିଶା, ଅକ୍ଷୟ ବିଶ୍ୱାଳ, ରାଜ୍ୟ ସାଧାରଣ ସଂପାଦକ ପୂର୍ଣ୍ଣିମା କେରକେଟା, ପ୍ରଭାରୀ ନବ ଘନ ଲୋକେଇ, ଅଶୋକ ପରିଡା, ଡଂଗା ଶିଶା, କମଲେଶ ରାୟ ପ୍ରମୁଖ ଉପସ୍ଥିତ ଥିଲେ।

## ଅଟୋ-ଟ୍ରକ ମୁହାଁମୁହିଁ ଧକ୍କା: ୩ ମୃତ, ୫ ଆହତ

ଭୁବନେଶ୍ୱର,୨୧।(ପି.ଏନ): ଅଟୋକୁ ପିଟିଲା ଟ୍ରକ। ଘଟଣା ସ୍ଥଳରେ ୩ ମୃତ ହୋଇଥିବା ବେଳେ ୫ ଗୁରୁତର ହୋଇଛନ୍ତି। ଅଟୋରେ ଯାଉଥିବା ଯାତ୍ରୀମାନେ ବନ୍ଧୁ ଘରକୁ ଦଶାହ କର୍ମରେ ଯୋଗଦେବା ପାଇଁ ଯାଉଥିଲେ।ନବରଙ୍ଗପୁର ଜିଲ୍ଲା ରାଇଘର ଥାନା ଜୋଡ ?ଙ୍ଗା ନିକଟରେ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟିଛି। ଏକ ଟ୍ରକ ରାଇଘରରୁ ଛତିଶଗଡ ପଟକୁ ଯାଇଥିଲା। ଏହି ସମୟରେ ଅଟୋ ବୋରେଇ ଗ୍ରାମରୁ କିଛି ଲୋକ ରାଇଘର ନିକଟସ୍ଥ ଧୋଡ୍ରା ପାରାକୁ ଯାଉଥିଲେ। ଠିକ୍ ? ଏହି ସମୟ ରେ ଯୋଡ଼ିଙ୍ଗା ନିକଟରେ ଅଟକୁ ସାମ୍ନା ପଟୁ ଧକ୍କା ଦେଇଥିଲା ଟ୍ରକ। ଫଳରେ ଘଟଣା ସ୍ଥଳରେ ୩ ଜଣଙ୍କ ମୃତ୍ୟୁ ହେବା ସହିତ ୫ଜଣ ଗୁରୁତର ହୋଇଛନ୍ତି।

## ଏପ୍ରିଲ ୨୫ ତାରିଖରୁ ଖରାଦିନ ଛୁଟି: ସ୍କୁଲ ବନ୍ଦ ନେଇ ଘୋଷଣା କଲେ ରାଜ୍ୟ ସରକାର

ଭୁବନେଶ୍ୱର,୨୧।୪(ପି.ଏନ): ରାଜ୍ୟରେ ଗ୍ରୀଷ୍ମପ୍ରବାହ ଜାରି ରହିଛି। ତେଣୁ ସ୍କୁଲ ଛାତ୍ରଛାତ୍ରୀମାନଙ୍କ ସୁରକ୍ଷାକୁ ଦୃଷ୍ଟିରେ ରଖି ସ୍କୁଲ ଛୁଟି ପାଇଁ ଘୋଷଣା କରିଛନ୍ତି ରାଜ୍ୟ ସରକାର । ଆସନ୍ତା ଏପ୍ରିଲ ୨୫ ତାରିଖରୁ ରାଜ୍ୟର ସମସ୍ତ ସ୍କୁଲରେ ସରକାର ଖରାଦିନ ଛୁଟି ଘୋଷଣା କରିଛନ୍ତି । ଏହାପୂର୍ବରୁ ୨୧ ତାରିଖ ପର୍ଯ୍ୟନ୍ତ ଛୁଟି ଘୋଷଣା ହୋଇଥିଲା । ତେବେ ଏପ୍ରିଲ ୨୨ ତାରିଖରୁ ୨୪ ତାରିଖ ପର୍ଯ୍ୟନ୍ତ ସକାଳୁଆ ସ୍କୁଲ ଯିବେ ଛାତ୍ରଛାତ୍ରୀ । ଏହି ୩ ଦିନ ସକାଳ ୬.୩୦ରୁ ୧୦.୩୦ ପର୍ଯ୍ୟନ୍ତ ପିଲାମାନଙ୍କୁ ସ୍କୁଲରେ ପାଠ ପଢାଯିବ । ଏହାପରେ ସରକାରଙ୍କ ନିର୍ଦ୍ଦେଶ ଅନୁସାରେ, ୨୫ ତାରିଖର ସମସ୍ତ ସ୍କୁଲରେ ଛୁଟି ପ୍ରଦାନ କରାଯିବ।

## ସଭା କଲେ ବିଜେଡ଼ି ନେତା; ପଡିଆରେ ମହାପ୍ରଭୁଙ୍କୁ ଛାଡି ଚାଲିଗଲେ

ଭୁବନେଶ୍ୱର,୨୧।୪(ପି.ଏନ): ଇଏ କି ପ୍ରକାର ମାନସିକତା ଟିକେଟ ପାଇବା ପାଇଁ ବିଜେଡ଼ି ନେତା ମହାପ୍ରଭୁଙ୍କ ସରଣ ପଶିଥିଲେ। ଆଉ ଟିକେଟ ପାଇବା ପରେ ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଆଶୀର୍ବାଦ ନେଇଥିଲେ। ହେଲେ ଆଜି ସେହି ଇଔଉ ନେତାମାନେ ଅହଙ୍କାରରେ ବସବର୍ତ୍ତୀ ହୋଇ ମହାପ୍ରଭୁଙ୍କୁ ଖୋଲା ଆକାଶ ତଳେ ବସାଇ ପଳାଇଗଲେ। ଗତ ୩ ଦିନ ହେଲା ମହାପ୍ରଭୁ ଖୋଲା ଆକାଶ ତଳେ ପଡିଆ ମଝିରେ ବସିଛନ୍ତି। ଓଡିଶାର ଅନ୍ୟ କୌଣସି ପ୍ରାନ୍ତ ନୁହେଁ, ପୁରୀ ଜିଲ୍ଲାରେ ଦେଖିବାକୁ ମିଳିଛି ଏପରି ଚିତ୍ର। ଗତ ୧୯ ତାରିଖ ସନ୍ଧ୍ୟାରେ କୃଷ୍ଣପ୍ରସାଦ ବ୍ଲକ ମାଲୁଦ



ପଞ୍ଚୁଦୋଳ ପଡିଆରେ ବିଜେଡି ଯୁବ ସମାବେଶ ଆୟୋଜିତ କରିଥିଲା। ଏଥିରେ ଯୋଗଦେଇଥିଲେ ସତ୍ୟବାଦୀ ବିଧାୟକ ତଥା ବ୍ରହ୍ମଗିରି ବିଜେଡି ବିଧାୟକ ପ୍ରାର୍ଥୀ ଉମାକାନ୍ତ ସାମନ୍ତରାୟ, ପୁରୀ ଲୋକସଭା ପ୍ରାର୍ଥୀ ଅରୂପ ପଟ୍ଟନାୟକ ଓ ବହୁ ଯୁବ ନେତା ଯୋଗଦେଇଥିଲେ। ସମାବେଶ ଆରମ୍ଭ ପୂର୍ବରୁ ନେତାମାନେ କୋଟି ଓଡିଆଙ୍କ ଆରାଧ୍ୟ ମହାପ୍ରଭୁ ଜଗନ୍ନାଥଙ୍କୁ ଗୋଟିଏ ଟେବୁଲ୍‌ରେ ବସାଇ ପ୍ରଦୀପ ପ୍ରଜ୍ୱଳନ କରିଥିଲେ।

## 'ଇଣ୍ଡିଆ' ରାଲିରେ ଉଡିଲା ଚୌକି, ଫାଟିଲା ମୁଣ୍ଡ

ଭୁବନେଶ୍ୱର,୨୧।୪(ପି.ଏନ): ରାଲି ବେଳେ ଦୁଇ ଗୋଷ୍ଠୀ ମଧରେ ହେଲା ସଙ୍ଘର୍ଷ। ବିରୋଧୀଙ୍କ ଇଣ୍ଡିଆ ଅଲାଏନ୍ସର ଉଲଗୁଲାନ ରାଲି ବେଳେ ମୁହାଁମୁହିଁ ହେଲେ ସମର୍ଥକ। ପରସ୍ପରକୁ ଉରକୁ ଫିଙ୍ଗିଲେ ଚୌକି। କେବଳ ସେତିକି ନୁହେଁ ଲାଠି ମାଡ ମଧ କଲେ। ଏଥିରେ ଅନେକ ଆହତ ହୋଇଥିବା ସୂଚନା ମିଳିଛି। ଏହି ପୂରା ଘଟଣାର ଭିଡିଓ ସାମ୍ନାକୁ ଆସିଛି, ଯାହା ଭାଇରାଲ ହେବାରେ ଲାଗିଛି। ସୂଚନା ମୁତାବକ, ରାଲି ପରେ ଆୟୋଜିତ ଜନସଭାରେ ଇଣ୍ଡିଆ ଅଲାଏନ୍ସର ନେତାମାନେ ଲୋକଙ୍କୁ ସମ୍ବୋଧିତ କରୁଥିଲେ। ଏତିକି ବେଳେ ଚତରା ଜିଲ୍ଲାର କଂଗ୍ରେସ ପ୍ରାର୍ଥୀ କେଏନ୍ ତ୍ରିପାଠୀଙ୍କ ସମର୍ଥକ ଏବଂ ଆର୍‌ଜେଡି ସମର୍ଥକଙ୍କ ମଧରେ ମାରପିଟ୍ ଆରମ୍ଭ ହୋଇଥିଲା। ପରେ



ଏହା ଉଗ୍ର ରୂପ ନେଇଥିଲା। ଉଭୟ ପରସ୍ପରକୁ ଚୌକି ଫିଙ୍ଗି ଥିଲେ। ଲାଠି ମାଡ ମଧ କରିଥିଲେ। ପରେ ସେଠାରେ ଉପସ୍ଥିତ ଥିବା ଲୋକେ ଓ ସୁରକ୍ଷାକର୍ମୀମାନେ ଉଭୟ ଗୋଷ୍ଠୀଙ୍କୁ ଶାନ୍ତ କରିବାକୁ ଚେଷ୍ଟା କରିଥିଲେ।

## ପାନୀୟ ଜଳ ପାଇଁ ଡହଳ ବିକଳ ଯାତ୍ରୀ: ରାଇରଙ୍ଗପୁର ରେଳ ଷ୍ଟେସନ ଶୌଚାଳୟରେ ପଡିଛି ତାଲା

ରାଇରଙ୍ଗପୁର ,୨୧।୪(ପି.ଏନ): ମୟୂରଭଂଜ ଜିଲ୍ଲା ରାଇରଙ୍ଗପୁର ରେଳ ଷ୍ଟେସନ ଅବ୍ୟବସ୍ଥା ଘେରରେ। ଯାତ୍ରୀମାନଙ୍କ ପାଇଁ ଅତି ଜରୁରୀ ଥିବା ଶୌଚାଳୟ କଥା ନ କହିଲେ ଭଲ। କେନ୍ଦ୍ର ସରକାର ସ୍ୱଚ୍ଛ ଭାରତ ଅଭିଯାନ ନେଇ ଢେଙ୍ଗୁରା ପିଟୁଥିବା ବେଳେ ରାଇରଙ୍ଗପୁର ରେଳ ଷ୍ଟେସନଠାରେ ଥିବା ଶୌଚାଳୟ କୌଣସି ଯାତ୍ରୀଙ୍କ କାମରେ ଆସୁନଥିବା ଦେଖିବାକୁ ମିଳୁଛି। ଅମୃତ ଭାରତ ଯୋଜନାରେ ସାମିଲ ହେବା ପରେ ବି ଅବ୍ୟବସ୍ଥା ଦେଖାଯାଇଛି। ଏପରିକି ଶନିବାର ଦିନ ରେଳ ଷ୍ଟେସନରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ ଠପ୍ ହୋଇଯାଇଥିଲା। ରାଇରଂଗପୁର ରେଳ ଷ୍ଟେସନକୁ ପ୍ରତ୍ୟେକ ଦିନ ୩ଟି ଟ୍ରେନ୍ ? ଟାଟାନଗରରୁ ବାଦାମପାହାଡ, ଗୋଟିଏ ଟ୍ରେନ୍ ବାଦାମପାହାଡରୁ ରାଉରକେଲା ଏବଂ ଅଂଚଳରେ ଥିବା ଲୁହାଖଣିରୁ ଲୁହାପଥର ନେବା ପାଇଁ ୱାଗନ ମଧ ଆସିଥାଏ। ଫଳରେ ଏହି ରେଳପଥ ଚକ୍ରଧରପୁର ଡିଭିଜନକୁ ବାର୍ଷିକ ପ୍ରାୟ ଶହ ଶହକୋଟିରୁ ରାଜସ୍ୱ ପ୍ରଦାନ କରୁଥିବା ବେଳେ ଦକ୍ଷିଣ-ପୂର୍ବ ରେଳବାଇର ଉଚ୍ଚକର୍ତ୍ତୃପକ୍ଷ ଏହା ପ୍ରତି ବୈମାତୃକ ମନୋଭାବ ପୋଷଣ କରିଆସୁଥିବାର ବହୁବର୍ଷରୁ ଅଭିଯୋଗ ହୋଇଆସୁଛି। ସବୁଠାରୁ ଅଧିକ ରାଜସ୍ୱ ପ୍ରଦାନ କରୁଥିବା



ରାଇରଙ୍ଗପୁର ଷ୍ଟେସନରେ ଯାତ୍ରୀମାନଙ୍କ ପାଇଁ ଏମସିଏଲ୍ ପକ୍ଷରୁ ନୂତନ ଅତ୍ୟାଧୁନିକ ଶୌଚାଳୟ ନିର୍ମାଣ କରାଯାଇଛି। କିନ୍ତୁ ସେଥିରେ ତାଲା ପଡିଥିବାରୁ ଯାତ୍ରୀଙ୍କ କାମରେ ଆସୁନାହିଁ । ଏହା ବ୍ୟତୀତ ରେଳ ବିଭାଗ ପକ୍ଷରୁ ମଧ ଅନ୍ୟ ଏକ ଶୌଚାଳୟ ନିର୍ମାଣ ହୋଇଛି। ସେଥିରେ ମଧ ତାଲା ପଡିଥିବା ଦେଖିବାକୁ ମିଳୁଛି। ଏଣୁ ଯାତ୍ରୀମାନେ ଷ୍ଟେସନ ପାର୍ଶ୍ୱରେ ଏଣେତେଣେ ମଳତ୍ୟାଗ କରୁଛନ୍ତି। ଫଳରେ ଷ୍ଟେସନ ଅଂଚଳ ଦୂଷିତ ହୋଇପଡିଛି। ସ୍ୱଚ୍ଛ ଭାରତ ଅଭିଯାନ ମଧ ଫେଲ ମାରିଛି। ବିଶେଷ କରି ମହିଳା ଯାତ୍ରୀମାନେ ଅଧିକ ହନ୍ତସନ୍ତ ହେଉଥିବା ଅଭିଯୋଗ ହେଉଛି।ତେବେ ନୂତନ କରି ନିର୍ମାଣ ହୋଇଥିବା ଶୌଚାଳୟରେ କାହିଁକି ତାଲା ପଡିଛି ? ସେସମ୍ବନ୍ଧରେ ଷ୍ଟେସନ ମାଷ୍ଟର ଏସ୍.ପ୍ରସାଦଙ୍କୁ ପଚାରି ବୁଝିବାରୁ ସଫେଇ କର୍ମଚାରୀ ନଥିବାରି ଉକ୍ତ ସଫାସୁତୁରା ହୋଇ ପାରୁନି ବୋଲି କହିଛନ୍ତି ଏବଂ ପାନୀୟ ଜଳ ସମସ୍ୟା ସମ୍ବନ୍ଧରେ ସେ ଅବଗତ ନଥିବା କହିଛନ୍ତି। ଯାତ୍ରୀମାନଙ୍କ କହିବା ଅନୁଯାୟୀ ଉକ୍ତ ଶୌଚାଳୟକୁ କେବଳ ରେଳ ବିଭାଗର କର୍ମଚାରୀ ବ୍ୟବହାର କରୁଛନ୍ତି। ଯଥାଶୀଘ୍ର ଷ୍ଟେସନର ଶୌଚାଳୟକୁ ଯାତ୍ରୀମାନଙ୍କୁ ବ୍ୟବହାର କରିବାକୁ ଦିଆଯାଉ ବୋଲି ଯାତ୍ରୀମାନେ ଦାବି କରିଛନ୍ତି। ରେଳ ଷ୍ଟେସନରେ ପାନୀୟ ଜଳ ଯୋଗାଣ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିବାରୁ ୪୫ ଡିଗ୍ରିରୁ ଅଧିକ ଗ୍ରୀଷ୍ମ ପ୍ରବାହ ଯୋଗୁଁ ଯାତ୍ରୀମାନେ ନାହିଁ ନଥିବା ଅସୁବିଧାରେ ସମ୍ମୁଖୀନ ହୋଇଛନ୍ତି। ଏହା ବ୍ୟତୀତ ଉକ୍ତ ଷ୍ଟେସନରେ ରାତ୍ରୀ ସମୟରେ ଲାଇଟ ଜଳୁନଥିବାରୁ ଅସାମାଜିକ ବ୍ୟକ୍ତିଙ୍କ ଆଡ୍ଡାସ୍ଥଳି ପାଲଟିଛି। ନିର୍ଭୟରେ ଉକ୍ତ ଷ୍ଟେସନରେ ମଦ ପିଉଥିବା ଓ ଜୁଆ ଖେଳୁଥିବା ଅଭିଯୋଗ ହୁଏ।











## ଟି ଟାଇମ୍

### ଜୋକ୍ସ



ଶିକ୍ଷକ-କାଲି ସ୍କୁଲ କାହିଁକି ଆସି ନଥିଲ ?

ଛାତ୍ର-କାଲି ପରା ମୁଁ ପଡିଗଲି । ଆଉ ଲାଗିଗଲା

ଶିକ୍ଷକ-କେଉଁଠି ପଡିଗଲ ଆଉ କ'ଣ ଲାଗିଗଲା ?

ଛାତ୍ର ଖଟରୁ ପଡିଗଲି ଆଉ ମୋ ଆଖି ଲାଗିଗଲା ।

## ପୁରାଣ କାହାଣୀ

# ବାଣୀ ପ୍ରଭାବରେ ଚୋର ହେଲା ସାଧୁ



ଅନ୍ଧାର ରାତିରେ ଚୋରଟି ଚୋରି କରି ଅଣନିଃଶ୍ୱାସୀ ହୋଇ ଚାଲି ଚାଲି ଥକି ଗୋଟିଏ ବୃକ୍ଷମୂଳେ ବିଶ୍ରାମ ନେଉଥିଲା । ହଠାତ୍ ସେ ରାସ୍ତାକଡରେ ବିଶ୍ରାମ ନେଉଥିବା ସମୟରେ ଜରିମାନଙ୍କ ଉପରେ ନଜର ପଡିଲା । ନିଶ୍ଚିନ୍ତରେ ଶୋଇଥିବା ଜରିର ଜୀବନଧାରା ସହିତ ନିଜକୁ ତୁଳନା କରି ଗଭୀର ଚିନ୍ତା କରିବାକୁ ଲାଗିଲା । କେତେବେଳେ ସୂର୍ଯ୍ୟ ଉଦୟ ହେଲେ ତାହା ସେ ଜାଣି ପାରିଲା ନାହିଁ । ଅନ୍ଧାର ଅପସରି ଆସୁଥିବା ବେଳେ ଚୋରର ମାନସିକ ଉଦବେଳନ ବଢ଼ି ଚାଲିଥାଏ । ସେହି ସମୟରେ ସେ ଲୋକଙ୍କୁ ଦେଖି ଭୟଭୀତ ହୋଇ ଚମକି ଉଠିଲା । କାଳେ କିଏ ତାକୁ ଦେଖିଦେଲା ଆଉ ଚିହ୍ନିଦେଲା କି ? ଭିକାରୀ ଓ ବୁଲା କୁକୁର ନିଜ ନିଜ ପେଟ ଭରଣା ପାଇଁ ଏଣେତେଣେ ବୁଲି ଖାଦ୍ୟ ସଂଗ୍ରହ କରିବାକୁ ଲାଗିଲେ । କିନ୍ତୁ ଚୋର ପାଇଁ ଦିନଟି ଥିଲା ଅଭିଶାପ । ଭିକାରୀ କଥା ମନେ ପକାଉ ପକାଉ ତା' ମା କଥା ମନେ ପଡିଲା । ମା'ତାକୁ କହୁଥିଲା କାମକୁ ଡରି ପଳାଇ ଯାଉଛି ଭବିଷ୍ୟତରେ ଅସୁବିଧା ଭୋଗିବୁ । ଏହି କଥା ଭାବୁ ଭାବୁ ରାସ୍ତାରେ ଯାଉଥିବା ଦୁଇ ଦମ୍ପତିଙ୍କ କଥା ଶୁଣିବାକୁ ପାଇଲା । ଦୁଇ ଦମ୍ପତି ରାତିରେ ସାଧୁଙ୍କ ପ୍ରବଚନ ଶୁଣି ସକାଳେ ଘରକୁ ପ୍ରତ୍ୟାବର୍ତ୍ତନ କରୁଥିଲେ । ସେମାନେ ରାସ୍ତାରେ ସାଧୁଙ୍କ ବାଣୀ ଏତେ ଶାନ୍ତିପ୍ରଦ, ହିତକାରକ, ପ୍ରେରଣାଦାୟୀ ଥିଲା ବୋଲି କୁହାକୁହି ହୋଇ ଯାଉଥିଲେ । ଏହା ଶୁଣି ଚୋରର ମନ ସାଧୁଙ୍କ ବାଣୀ ପ୍ରତି ଆକର୍ଷିତ ହେଲା । ସାଧୁଙ୍କ ବାଣୀରେ ସେ ଏତେ ବିମୁଗ୍ଧ ହୋଇଗଲାଯେ ସେ ସାଧୁଙ୍କ ନିକଟକୁ ଆସିଲା ଓ ପ୍ରବଚନ ଶୁଣିଲା । ଲୁଚାଛପା କାମ କଲେ ମନରେ ଭୟ ଜାତ ହୋଇଥାଏ ବୋଲି ସାଧୁ କହିଲେ । ପରେ ଚୋର ସାଧୁଙ୍କୁ ସବୁ ସତ କଥା କହିଲା । ଅଜ୍ଞାତବସତଃ ମୁଁ ଆଜିଯାଏଁ କୁକର୍ମ କରି ଆସୁଥିଲି । କିନ୍ତୁ ଏବେ ପ୍ରତିଜ୍ଞା କରୁଛି ଆଜିଠାରୁ ମୁଁ ପରିଶ୍ରମ କରିବି ବୋଲି ସାଧୁଙ୍କୁ ସେ ପ୍ରତିଶ୍ରୁତି ଦେଇଥିଲା ।

# ଆଜିର ଭାଗ୍ୟ

**ମେଷ** କାର୍ଯ୍ୟ ହାସଲ କ୍ଷେତ୍ରରେ ଜଣେ ପୂର୍ବତନ ବନ୍ଧୁ ସାହାଯ୍ୟ କରିବେ। ଆନୁଷ୍ଠାନିକ କାମରେ ସଫଳତା ପାଇବେ। ବ୍ୟବସାୟରେ ସାମାନ୍ୟ କ୍ଷତି ହୋଇପାରେ। ପରିବହନରେ ଉନ୍ନତି କରିବେ। ମହିଳାଙ୍କ ଭାତୃ ସମ୍ପର୍କ ବୃଦ୍ଧି ପାଇବ।

**ବୃଷ** ଅନ୍ୟମାନଙ୍କୁ ନିଜ ଆଡକୁ ଆକର୍ଷିତ କରିବା ପାଇଁ ବିଭିନ୍ନ ପ୍ରକାର ଚେଷ୍ଟା କରିବେ। ବନ୍ଧୁଙ୍କର ସହାନୁଭୂତି ଲାଭ କରିପାରନ୍ତି। ସ୍ଥଗିତ କାମକୁ ତ୍ୱରାନିତ କରିବେ। ମହିଳାମାନେ ସାଥିଙ୍କ ବାଟକୁ ଚାହିଁ ବସିବେ। ଦୂର ସ୍ଥାନକୁ ଭ୍ରମଣ ଯୋଗ ରହିଛି।

**ମିଥୁନ** କର୍ମକ୍ଷେତ୍ରରେ କେତେକ ଦିଗରୁ ଚାପର ସମ୍ମୁଖୀନ ହୋଇପାରନ୍ତି। ଧୈର୍ଯ୍ୟ ହରାନହୋଇ ପରିସ୍ଥିତିର ସାମ୍ନା କରିବେ। ସାମ୍ବାଦିକତା କ୍ଷେତ୍ରରେ ପ୍ରତିବନ୍ଧକର ସମ୍ମୁଖୀନ ହେବେ। ବ୍ୟବସାୟରେ ବନ୍ଧୁ ସମ୍ପର୍କ ପ୍ରେ ଓ ପ୍ରଣୟ କ୍ଷେତ୍ରରୁ ଅନୁକୂଳ ଫଳ ମିଳିବ।

**କର୍କଟ** ବନ୍ଧୁଙ୍କ ନିକଟୁ ସାହାଯ୍ୟ ପଅତିଶୃତି ପାଇ ଆସ୍ୱସ୍ଥି ଅନୁଭବ କରିବେ। ପାରିବାରିକ ଅସ୍ଥିରତା ଓ ଅର୍ଥାଭାବ ପାଇଁ ମାନସିକ ଦ୍ୱନ୍ଦ ଭିତରେ ସମୟ କଟାଇବେ। ଆତ୍ମିୟମାନଙ୍କ ପରାମର୍ଶ ନେଇ କାର୍ଯ୍ୟ କ୍ଷେତ୍ରରେ ଉପକୃତ ହେବେ।

**ସିଂହ** ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କ ଉପରେ ନିର୍ଭର କରିବାକୁ ପଡିପାରେ। କର୍ମକ୍ଷେତ୍ରରେ ନୂତନ ଯୋଜନା ଆରମ୍ଭ କରିପାରନ୍ତି। ବକେୟା ଟଙ୍କା ମିଳିବାର ଯୋଗ ରହିଛି। ପ୍ରତିଷ୍ଠିତ ବ୍ୟକ୍ତିଙ୍କ ପରୋକ୍ଷରେ ସାହାଯ୍ୟ ପ୍ରାପ୍ତି ହୋଇପାରେ।

**କନ୍ୟା** ହଠାତ୍ ଅର୍ଥ ସମ୍ପର୍କକୁ ନେଇ ଭାତୃ ବିବାଦ ଦେଖାଦେଇପାରେ। ପ୍ରେମରେ ପ୍ରତାରଣା ପାଇ କର୍ମକ୍ଷେତ୍ରରେ ପରିସ୍ଥିତିର ଚାପ ବୃଦ୍ଧି ପାଇବ। ସାମାନ୍ୟ ଶାରୀରିକ ଅସୁସ୍ଥତା ଅନୁଭବ କରିବେ। ମହିଳାଙ୍କ କ୍ଷେତ୍ରରେ ବିଭିନ୍ନ ପ୍ରକାରର ଶତ୍ରୁମାନେ କଟୁ କଥା କହିବେ।

**ତୁଳା** ଇଚ୍ଛା ନଥିଲେ ମଧ୍ୟ ସମୟ ଓ ପରିସ୍ଥିତିକୁ ନେଇ ବନ୍ଧୁଙ୍କ ସହ ବିତର୍କ ସୃଷ୍ଟି ହୋଇପାରେ। ନିଜ ଲୋକମାନେ ଈର୍ଷା ପରାୟଣ ହୋଇ ପରିସ୍ଥିତିକୁ ଜଟିଳ ରୂପ ଦେବାରେ ସମର୍ଥ ହେବେ। ଅର୍ଥ ସଂଗ୍ରହରେ ତତ୍ପରତା ପ୍ରକାଶ କରିବେ।

**ବିଛା** ପଡୋଶୀଙ୍କ ସହ ସମ୍ପର୍କ ମଧୁର ରଖିବାକୁ ଚେଷ୍ଟା କରିବେ। ବନ୍ଧୁଙ୍କ ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ଆଲୋଚନାରୁ ମନ ଖୁସି ରହିବ। ବିବାଦୀୟ ପରିସ୍ଥିତିର ଦୃଢ଼ ମୁକାବିଲା କରିବେ। ମହିଳାମାନେ ଭାବ ପ୍ରବଣତା ପ୍ରକାଶ କରିବେ।

**ଧନୁ** ସୁନ୍ଦର ମଧୁର କଥା କହି ଅନ୍ୟମାନଙ୍କୁ ଆକର୍ଷିତ କରି କାର୍ଯ୍ୟ ହାସଲ କରିବେ। ଶାରୀରିକ ଅସୁସ୍ଥତା ଫେରି ପାଇବ। ପାରିବାରିକ କ୍ଷେତ୍ର, ଯାତ୍ରା ଓ ଦାମ୍ପତ୍ୟ ଜୀବନରୁ ସୁଫଳ ପାଇବେ। ଦୂର ସ୍ଥାନକୁ ଯାତ୍ରା କରିପାରନ୍ତି। ମହିଳାଙ୍କ ମନୋବଳ ଦୃଢ଼ ରହିବ।

**ମକର** କୌଣସି ଅପରିଚିତ ବ୍ୟକ୍ତିଙ୍କ ଦ୍ୱାରା ଗୁରୁତ୍ୱ ପୂର୍ଣ୍ଣ କାର୍ଯ୍ୟ ହସଲ କରିବେ। ଭାବୁଥିବା କାମଟିକୁ ସମ୍ପୂର୍ଣ୍ଣ କରିବା ପାଇଁ ବନ୍ଧୁଙ୍କର ସାହାଯ୍ୟ ଭିକ୍ଷ୍ୟା କରିବେ। ଦାମ୍ପତ୍ୟ ଜୀବନରେ ତିକ୍ତତା ଦେଖାଦେଇପାରେ। ମହିଳାମାନେ ଅଶାନ୍ତି ରହିବେ।

**କୁମ୍ଭ** ଯେତେ ତ୍ୟାଗ ସ୍ୱିକାର କଲେ ମଧ୍ୟ ବନ୍ଧୁ ସହକର୍ମୀ ଓ ପଡୋଶୀଙ୍କର ଭୁଲ୍ ଧାରଣାକୁ ବଦଳାଇ ପାରିବେ ନାହିଁ। ଆୟ ଅପେକ୍ଷା ବ୍ୟୟ କ୍ରମଶଃ ବୃଦ୍ଧି ପାଇବ। ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ପାଇଁ ଚିନ୍ତିତ ରହିବେ। ଆକସ୍ମିକ ଭାବେ ଉପହାର ଦ୍ରବ୍ୟ ଲାଭ ହୋଇପାରେ।

**ମୀନ** କର୍ମକ୍ଷେତ୍ରରେ ସହଜ ସୁବିଧରେ କାମ ହାସଲ କରିବେ। ବନ୍ଧୁଙ୍କର ଆଦର ମନକୁ ଖୁସି ରଖିବ। ସଭା, ସମିତି, ରାଜନୀତି କ୍ଷେତ୍ରରେ ପ୍ରଶଂସିତ ହେବେ। ମହିଳାମାନେ ଅନ୍ୟଙ୍କ ସେବାରେ ବ୍ୟସ୍ତ ରହିବେ।

# କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।

# ଦେବୀ ରାଧାଙ୍କ ଜନ୍ମ ରହସ୍ୟ



ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ। ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ। ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ସ୍ମରଣଶକ୍ତି ବଢ଼ାଏ ଅଣ୍ଡା

ଆମେରିକା ସ୍ଥିତ ଟପ୍ଟ ୟୁନିଭରସଟିର ରିସର୍ଚ୍ଚ କର୍ତ୍ତାମାନଙ୍କ କହିବା ହେଉଛି କି ଅଣ୍ଡା ଖାଇବା ଦ୍ୱାରା ମସ୍ତିଷ୍କ ମଜଭୁତ୍ ହୋଇଥାଏ ଏବଂ ଡିମେସିୟା ଭଳି ରୋଗର ଭୟ ଟଳିଯାଇଥାଏ । ଏହି ସମସ୍ୟାରେ ପୀଡ଼ିତ ଲୋକମାନଙ୍କର ସ୍ମରଣ ଶକ୍ତି ଅତି କମ୍ ହୋଇଯାଇଥାଏ । ରିସର୍ଚ୍ଚରେ ସାମିଲ୍ ଥିବା ଲୋକମାନଙ୍କୁ ଦୁଇ ଟିମ୍‌ରେ ବିଭାଜିତ କରାଯାଇଥିଲା । ପ୍ରଥମ ଟିମ୍‌କୁ ଖାଇବା ପାଇଁ ନିୟମିତ ୨ଟି ଲେଖାଏଁ ଅଣ୍ଡା ଦିଆଯାଉଥିଲା । ଯେବେକି ଅନ୍ୟ ଟିମ୍‌କୁ ଅଣ୍ଡା ପ୍ରତିବଦଳରେ ଅନ୍ୟାନ୍ୟ ଦ୍ରବ୍ୟ ଖାଇବାକୁ ଦିଆଯାଉଥିଲା । ମାସକ ପରେ ଦୁଇଟି ଟିମ୍‌ର ସଦସ୍ୟମାନଙ୍କର ସ୍ମରଣ ଶକ୍ତି, ତର୍କ କ୍ଷମତା ଏବଂ ଏକାଗ୍ରତା ସ୍ତରର ପରୀକ୍ଷା କରାଯାଇଥିଲା । ନିୟମିତ ଅଣ୍ଡା ଖାଉଥିବା ଟିମ୍‌ର ସଦସ୍ୟମାନଙ୍କର ପ୍ରଦର୍ଶନ ଅନ୍ୟ ଟିମ୍ ତୁଳନାରେ ଅଧିକ ଭଲ ହୋଇଥାଏ । ଅଣ୍ଡାରେ ଲ୍ୟୁଟିନ୍ ଏବଂ ଜେସିକାଥିନ୍ ନାମକ ଦୁଇ ପ୍ରକାର ଅକ୍ସିକରଣ ରୋଗ ପ୍ରତିରୋଧକ ତତ୍ତ୍ୱ ମିଳିଥାଏ । ଯାହା ଭାବିବା ଓ ବୁଝିବା ପ୍ରକ୍ରିୟାକୁ ସହଜ କରିଥାଏ । ଏଥିପାଇଁ ଆପଣ ମାଂସାହାରୀ ହୋଇଥାନ୍ତି ତେବେ ପ୍ରତିଦିନ ଖାଦ୍ୟରେ ଅଣ୍ଡାକୁ ସାମିଲ କରନ୍ତୁ ।

# ପ୍ରସବ କରିବ ରୋବଟ !



ଇଞ୍ଜିନିୟର ତଥା ନୋବେଲିଷ୍ଟ ଜର୍ଜ ଜୈରକୈଡାକିସ୍‌ଙ୍କ ମତ ଅନୁସାରେ ଆସନ୍ତା ୨୦ରୁ ୩୦ ବର୍ଷ ମଧ୍ୟରେ ଏଭଳି ରୋବଟ ତିଆରି କରାଯାଇପାରିବ, ଯାହା ମଣିଷ ସହିତ ଶାରୀରିକ ସମ୍ପର୍କ ରଖିପାରିବ ଏବଂ ସନ୍ତାନ ପ୍ରସବ କରିପାରିବ। ଏପରିକି କେବଳ ରୋବଟ ପରସ୍ପର ମଧ୍ୟରେ ଶାରୀରିକ ସମ୍ପର୍କ ରଖିପାରିବେ। ବିଶେଷଜ୍ଞଙ୍କ କହିବା ଅନୁସାରେ ଯଦି ମଣିଷଙ୍କ ଅପେକ୍ଷା ରୋବଟଙ୍କ ସଂଖ୍ୟା ବୃଦ୍ଧି ପାଏ ତେବେ ଏହା ଦୁଃସ୍ୱପ୍ନ ସୃଷ୍ଟି କରିବ। ଏହାବ୍ୟତୀତ ପ୍ରଫେସର ବାର୍ବିକଙ୍କ ମତ ଅନୁସାରେ ରୋବଟର ଶାରୀରିକ ସମ୍ପର୍କ ସ୍ଥାପନ କରିବା ଏବଂ ସନ୍ତାନ ପ୍ରସବ କରିବା ନେଇ ସାମାଜିକ ସ୍ୱିକୃତୀ ବିଷୟରେ ଚିନ୍ତା କରାଯିବ। ଏଭଳି କୌଶଳକୁ ନେଇ କିଛି ପ୍ରତିକ୍ରିୟା ଓ ସମସ୍ୟା ମଧ୍ୟ ଉପୁଜିପାରେ ବୋଲି ବୈଜ୍ଞାନିକମାନେ ମତ ଦେଇଛନ୍ତି।

# ଫେସ୍‌ବୁକ ମାୟାରେ ଯୁବପିଢ଼ି

ବ୍ୟସ୍ତ ବହୁଳ ଜୀବନରେ ଫେସବୁକ ପାଲଟିଛି ମନୋରଞ୍ଜନର ମାଧ୍ୟମ । କାମରୁ ଟିକିଏ ଫୁରୁସତ ମିଳିଲେ ସମସ୍ତେ ଚାହାନ୍ତି ନିରୋଳାରେ ଅନ୍ତରଙ୍ଗ ବନ୍ଧୁ ସହ ଆଳାପ କରିବାକୁ । କିଛି ମନଖୋଲି କଥା ହେବାକୁ ଏବଂ ଅଜଣା ରାଇଜର ଖବର ଜାଣିବାକୁ । ହେଲେ ଏସବୁ ସମ୍ଭବ ହୋଇଛି ସୋସିଆଲ ମିଡିଆ ଫେସବୁକ ପାଇଁ । ସବୁ ପ୍ରତିବନ୍ଧକକୁ ଡେଇଁ ଫେସବୁକ ସମସ୍ତଙ୍କୁ ନିଜର କରି ପାରିଛି । ସ୍ନେହ, ଶ୍ରଦ୍ଧା ଦେଇ ମନ କିଣିଛି । ସେଥିପାଇଁ ଫେସବୁକ ଆଜି ଲକ୍ଷାଧିକ ଲୋକଙ୍କ ପସନ୍ଦ ପାଲଟିଛି । ସଫଳତାର ୧୦ ବର୍ଷ ଅତିକ୍ରମ କରି ଫେସବୁକ ରେକର୍ଡ ସୃଷ୍ଟି କରିଛି ।

୨୦୦୪ରେ ହାଭାର୍ଡରେ କିଛି ଛାତ୍ରଛାତ୍ରୀ ମେସେଜ ସେୟାର କରି ମଜା ନେବାର ସଫଳତା ଆଜି ବିଶ୍ୱାବସୀ ଅନୁଭବ କରୁଛନ୍ତି । ଯେଉଁ ମଜା ପରବର୍ତ୍ତି କାଳରେ ସାରା ବିଶ୍ୱାବସୀଙ୍କୁ ଏକତାର ସୂତ୍ରରେ ବାନ୍ଧି ପାରିଛି । ଦୀର୍ଘ ଦଶ ବର୍ଷ ହେଲା ଫେସବୁକ କୁହୁକରେ ସାରା ବିଶ୍ୱ ମସଗୁଲ ହୋଇ ଯାଇଛି । ସବୁ ବର୍ଗର ଜନସାଧାରଣ ଏହି ମୟାଜାଲରେ ଏମିତି ବାନ୍ଧି ହୋଇଛନ୍ତିଯେ ସହଜରେ ମୁକୁଳି ପାରୁ ନାହାନ୍ତି । ବିଶେଷକରି ଯୁବପିଢ଼ିଙ୍କ ପାଇଁ ଫେସବୁକ ଏକ ବରଦାନ ସଦୃଶ ପାଲଟିଛି । ବନ୍ଧୁତା ମଧ୍ୟରେ ଦୂରତା କମାଇବାରେ ଏହି ସୋସିଆଲ ମିଡିଆ ଫେସବୁକ ପ୍ରମୁଖ ଭୂମିକା ଗ୍ରହଣ କରିଛି । ଯେଉଁଥିପାଇଁ ଦିନକୁ ଦିନ ଫେସବୁକର ଲୋକପ୍ରିୟତା ଓ ୟୁଜର୍ସଙ୍କ ସଂଖ୍ୟା ବଢ଼ି ଚାଲିଛି । ୧୦ ବର୍ଷ ପୂର୍ବରୁ ଭାରତରେ ଏହାର ସଚେତନତା କମ ଥିଲା । ତେଣୁ ଫେସବୁକ ସମ୍ବନ୍ଧରେ ଅଧିକାଂଶ ଯୁବପିଢ଼ି ଅଜ୍ଞ ଥିଲେ । କିନ୍ତୁ ଆଇଟି ସେକ୍ଟର ଯେପରି ଭାବେ ଦୃତ ଗତିରେ ଚାରିଆଡେ ବ୍ୟାପିଲା ଭାରତରେ ମଧ୍ୟ ତାର ପ୍ରଭାବ ପଡିଲା । ଫଳରେ ଫେସବୁକ ଧିରେଧିରେ ଜନାଦୃତ ହେଲା । ମୁମ୍ବାଇ, ଦିଲ୍ଲୀ, ବାଙ୍ଗାଲୋର ଏବଂ ହାଇଦ୍ରାବଦ ଭଳି ମେଟ୍ରୋ ସିଟିରେ ଏହି ସୋସିଆଲ ମିଡିଆ ପ୍ରଚାର ପ୍ରସାର ହେବା ପରେ ଗାଁ ଗହଳିରେ ବି ଏହାର ଜାଲ ପଡି ଯାଇଛି । ଫେସବୁକ ମାଧ୍ୟମରେ ଭାବ ଆଦାନ ପ୍ରଦାନ ଅତି ସହଜରେ ହେଉଥିବାରୁ ସମସ୍ତଙ୍କ ପ୍ରିୟଭାଜନ ହୋଇ ପାରିଛି । ବର୍ତ୍ତମାନସୁଦ୍ଧା ଫେସବୁକର ୧୫୦ ବିଲିଅନ ଡଲାର ସହଯୋଗୀ ହୋଇଥିବା ବେଳେ ୨୦୧.୬ ବିଲିଅନ ବ୍ୟକ୍ତି ବନ୍ଧୁତାର ସୂତ୍ରରେ ବାନ୍ଧି ହୋଇଛନ୍ତି । ପ୍ରତି ମାସରେ ୧.୨୩ ବିଲିଅନ ଲୋକ ଫେସବୁକ ବ୍ୟବହାର କରୁଛନ୍ତି । ପ୍ରତିଦିନ ୬ ବିଲିଅନ ଲୋକ ଫେସବୁକ ପସନ୍ଦ କରୁଥିବା ବେଳେ ୪୦୦ ବିଲିଅନ ଫଟୋ ସେୟାର ହୋଇଛି । ଏହାସହ ୭.୮ ଟ୍ରିଲିଅନ ମେସେଜ ଫେସବୁକରୁ ପଠା ଯାଇଛି । ସୋସିଆଲ ବ୍ଲିନିକ ୱେବସାଇଡର ମତ ଅନୁସାରେ କେଳବ ୨୦୧୩ରେ ସାଉଦିରେ ୭.୮ ମିଲିଅନ ଫେସବୁକ ବ୍ୟବହାରକାରୀ ଥିଲେ । ୨୦୦୪ରେ ମାତ୍ର ୧ ମିଲଅନ ଫ୍ୟାନଙ୍କୁ ନେଇ ଆରମ୍ଭ ହୋଇଥିବା ଫେସବୁକ ବର୍ତ୍ତମାନ ୧,୨୩୦ ମିଲିଅନ ବ୍ୟବହାରୀକାରୀଙ୍କ ପାଖରେ ପହଞ୍ଚିଛି । ୨୦୦୫ରେ ୬ ମିଲିଅନ ବ୍ୟବହାରୀକାରୀ ଥିବା ବେଳେ ୨୦୦୭ରେ ୫୮ ମିଲିଅନ, ୨୦୦୮ରେ ୧୪୫ ମିଲିଅନ, ୨୦୦୯ରେ ୩୬୦ ମିଲିଅନ, ୨୦୧୦ରେ ୬୦୮, ୨୦୧୧ରେ ୮୪୫, ୨୦୧୨ରେ ୧,୦୫୬ ଏବଂ ୨୦୧୩ରେ ୧,୨୩୦ ମିଲିଅନ ବ୍ୟକ୍ତି ଫେସବକୁ ବ୍ୟବହାର କରୁଥିବା ୧୦ ବର୍ଷ ପୂର୍ତ୍ତି ଉତ୍ସବରୁ ଜଣାପଡିଥିଲା ।

# ଜିନ୍ସ ସୃଷ୍ଟି କରୁଛି ସମସ୍ୟା



ଆଜିକାର ଅତ୍ୟାଧୁନିକ ଯୁବତୀମାନେ ଚିପା ଜିନ୍ସ ପିନ୍ଧିବାକୁ ଏକ ଫ୍ୟାଶନ ମନେ କରୁଛନ୍ତି। ହେଲେ ଏହାଦ୍ୱାରା ଯେ ସ୍ୱାସ୍ଥ୍ୟଗତ ସମସ୍ୟା ସୃଷ୍ଟି ହୁଏ ସେଥିପ୍ରତି କେହି ଧ୍ୟାନ ଦିଅନ୍ତି ନାହିଁ। ଏକ ଗବେଷଣାରୁ ଜଣାଯାଇଛି ଯେ ଚିପା ଜିନ୍ସ ପିନ୍ଧିବା ଦ୍ୱାରା ଏକ ପ୍ରକାର ସ୍ନାୟୁଗତ ରୋଗ ସୃଷ୍ଟି ହୁଏ, ଯାହାକୁ କୁହନ୍ତି 'ମେରାଲଜିଆ ପାରେସ୍ଥଟିକା' ବା 'ଟିଙ୍ଗଲିଙ୍ଗ୍ ଥିଙ୍ଗ ସିଣ୍ଡ୍ରମ'। ଏହାଦ୍ୱାରା ଜଙ୍ଘରେ ଯାଇଥିବା ଚର୍ମ ସମ୍ବନ୍ଧୀୟ ସ୍ନାୟୁଗୁଡିକ ଏମିତି ପ୍ରତିକ୍ରୀୟାଶୀଳ ହୋଇପଡ଼ନ୍ତି ଯେ ଗୋଡ଼ ଝିମ୍‌ଝିମ୍ ଲାଗିବା ସହ ବିନ୍ଧି ଉଠେ। ଏହି ରୋଗରେ ଗୋଡ଼ ଅକାମି ହୋଇଗଲା ପରି ଅନୁଭୂତ ହୁଏ। ଚିପା ଜିନ୍ସ ସାଙ୍ଗକୁ ଯଦି ହାଇ ହିଲ୍ ଜୋତା ପିନ୍ଧିଥିବେ ତେବେ ଅବସ୍ଥା ଆହୁରି ସଙ୍ଗିନ ହୋଇଯିବାର ଆଶଙ୍କା ଥାଏ।

# ବିଶ୍ୱର ବଡ ଫୁଲ ବଜାର



ବିଶ୍ୱର ସବୁଠୁ ବଡ ଫୁଲ ବଜାର ପ୍ରତିଦିନ ଉତ୍ତର ହଲାଣ୍ଡ ଅନ୍ତର୍ଗତ ଆଲସମିର ସହରରେ ବସେ । ସେଠାରେ ବିଶ୍ୱର ସମସ୍ତ ଅଞ୍ଚଳର ଫୁଲ ବିକ୍ରି ହୁଏ । ଦୈନିକ ପ୍ରାୟ ଦୁଇ କୋଟିର ଫୁଲ ସେଠାରେ କାରବାର ହୋଇଥାଏ । ୨୪୩ ଏକର ଜମି ଉପରେ ଏଥିପାଇଁ ଗୋଦାମ ତିଆରି କରାଯାଇଛି । ପ୍ରତିଦିନ ରାତି ୧୦ଟା ସୁଦ୍ଧା ସେଠାକୁ ଫୁଲ ଆସେ ସାରା ରାତି ଫୁଲ ସଜାଡିବା କାର୍ଯ୍ୟ ଚାଲେ । ସକାଳ ୬ରେ ଫୁଲ ବିକ୍ରି ଆରମ୍ଭ ହୁଏ । ପାଇକାରୀ ବଜାର ହୋଇଥିବାରୁ ମୁଖ୍ୟତଃ ପାଇକାରୀମମାନେ ଏଠାକୁ ଆସନ୍ତି । ସମସ୍ତ ବିକ୍ରି ବଟା ନିଲାମ ଦ୍ୱାରା ହୁଏ । ଦିନ ୨ଟା ସୁଦ୍ଧା ବ୍ୟବସାୟ ସରେ ଏବଂ ପର ଦିନ ପାଇଁ ପ୍ରସ୍ତୁତି ଆରମ୍ଭ ହୋଇଥାଏ ।

# ଦୁଦୁରା ଫୁଲର ଔଷଧୀୟ ଗୁଣ



ଶ୍ରାବଣ ମାସରେ ମହାଦେବଙ୍କଠାରେ ବିଲ୍ୱପତ୍ର, ଦୁଦୁରା ଏବଂ କ୍ଷୀର ଚଢ଼ାଇବାର ବିଶେଷ ମହତ୍ତ୍ୱ ରହିଛି । ଦୁଦୁରା ପୁଷ୍ପର ବିଶେଷତା ଓଉପଯୋଗ ଅଧିକ । ଆୟୁର୍ବେଦରେ ଦୁଦୁରାକୁ ବିଷ ବର୍ଗରେ ରଖା ଯାଇଛି । ଏହାର ବୀଜକୁ ଔଷଧ ରୂପେ ରଖାଯାଏ । ଅଧ ଲିଟର ସୋରିଷ ତେଲରେ ଦୁଦୁରା ପତ୍ରର ରସ ମିଶାଇ ଗରମ କରି ମୁଣ୍ଡରେ ଲଗାଇଲେ ଉକୁଣି ଲୋପ ପାଇଯାଇଥାଏ । ଦୁଦୁରା ପତ୍ରର ରସକୁ ସାମାନ୍ୟ ଗରମ କରି ଗଣ୍ଠି ସ୍ଥାନରେ ଲଗାଇ ପଟି ବାନ୍ଧି ରଖିଲେ ବିନ୍ଧାବୀନ୍ଧି ଦୂର ହୋଇଯାଇ ଥାଏ । ଦୁଦୁରା ଗଛର ପତ୍ର, ଫୁଲ, ଫଳ, ତ୍ୱକ ଏବଂ କାଣ୍ଡର ରସକୁ ମିଶାଇ ରାଶି ତେଲରେ ପକାଇ ଗରମ କରି କାନରେ ପକାଇଲେ କାନ ପରିଷ୍କାର ହେବା ସହ କାନ ପିଡା କମିଯାଏ । ଦୁଦୁରା ମଞ୍ଜିର ପୋଡା ଅଂଶକୁ ଜ୍ୱର ସମୟରେ ଶରୀରରେ ଲଗାଇଲେ ଜ୍ୱର କମ ହୋଇ ଯାଇଥାଏ । ଦୁଦୁରା ଫଳର ଚୂର୍ଣ୍ଣକୁ ଅଧା ଚାମଚ ଗୁଆ ଘିଅ ଓ ମହୁ ସହ ମିଶାଇ ପ୍ରତିଦିନ ସେବନ କଲେ ସ୍ତ୍ରୀ ମାନଙ୍କର ପ୍ରସବ ଠିକ ସମୟରେ ହୋଇଥାଏ ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...
ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ ସମ୍ପାଦକୀୟ

**ଭୁବନେଶ୍ୱର, ୨୦୨୪, ଅପ୍ରେଲ ୨୨**

# ଭୋଟ ରାଜନୀତି, ବାହାର ପ୍ରାର୍ଥୀ ବନାମ ମାଟିର ପୁଅ



ଗୋପୀନାଥ ଦାଶ

ଚଳିତ ଭୋଟ ମାହୋଲରେ ଅନେକ ରୋଚକ ଓ ବିଚିତ୍ର ଘଟଣାମାନ ଦେଖିବାକୁ ମିଳୁଛି । ଓଡ଼ିଶାର ଅନେକ ନିର୍ବାଚନ ମଣ୍ଡଳୀରେ ସ୍ଥାନୀୟ ପ୍ରାର୍ଥୀ ବନାମ ବାହାର ପ୍ରାର୍ଥୀମାନଙ୍କୁ ନେଇ କେତେକ କ୍ଷେତ୍ରରେ ବିତର୍କିତ ଓ ଅଭାବନୀୟ ଘଟଣାସବୁ ଦେଖିବାକୁ ମିଳୁଛି । ସେମିତି କହିବାକୁ ଗଲେ ଭାରତର ନିର୍ବାଚନ କ୍ଷେତ୍ରରେ ଅନେକ ବିଖ୍ୟାତ ରାଜନେତା ଅନ୍ୟ ରାଜ୍ୟରୁ ମଧ୍ୟ ପ୍ରାର୍ଥୀ ହୋଇଛନ୍ତି । ଯଦିଓ କିଏ ଜିତିଛନ୍ତି ଆଉ କିଏ ପରାଜୟ ରାସ୍ତା ଦେଖିଛନ୍ତି । ତେବେ ଚଳିତ ନିର୍ବାଚନରେ ସବୁଠୁ ସମ୍ବେଦନଶୀଳ ଓ ଚର୍ଚ୍ଚିତ ଯାଜପୁର ଜିଲ୍ଲାର ବଡ଼ଚଣା ନିର୍ବାଚନ ମଣ୍ଡଳୀ ସବୁ ରେକର୍ଡ ଭାଙ୍ଗି ସିନେ ଅଭିନେତ୍ରୀ ବର୍ଷା ପ୍ରିୟଦର୍ଶିନୀଙ୍କୁ ଏଠାରୁ ପ୍ରାର୍ଥୀ କରିବା ପରେ ମାଟିର ପୁଅ ଓ ବାହାର ପ୍ରାର୍ଥୀ ଏହା ଏକ ସ୍ୱାଭିମାନ, ସମ୍ମାନ ଓ ଆବେଗର ପ୍ରଶ୍ନ ହୋଇଛି । ଚଳିତ ନିର୍ବାଚନରେ ଯାଜପୁର ବାସିନ୍ଦା ତଥା ବିଜେଡ଼ିର ରାଜ୍ୟ ସାଙ୍ଗଠନିକ ସମ୍ପାଦକ ପ୍ରଣବ ପ୍ରକାଶ ଦାସ ସମ୍ବଲପୁର ଲୋକସଭା ଆସନ ପାଇଁ ବିଜେପିର ପୋଷ୍ଟର ବୟ ତଥା ବଡ଼ ଚେହେରା ଧର୍ମେନ୍ଦ୍ର ପ୍ରଧାନଙ୍କ ବିରୁଦ୍ଧରେ ପ୍ରାର୍ଥୀ ହୋଇଛନ୍ତି । ବଡ଼ଚଣା ରାଜନୀତିରେ ବାହାରୁ ଆସି ନିର୍ବାଚନରେ ପ୍ରତିଦ୍ୱନ୍ଦ୍ୱିତା କରିବା କିଛି ନୂଆ କଥା ନୁହଁ । କାରଣ ୧୯୫୦ରୁ ଏଠାରୁ ନିର୍ବାଚନ ଲଢ଼ି ନବକୃଷ୍ଣ ଚୌଧୁରୀ ଓଡ଼ିଶାର ମୁଖ୍ୟମନ୍ତ୍ରୀ ହୋଇଥିଲେ । ସେ ଥିଲେ ଜଗତସିଂହପୁରର ମୂଳ ନିବାସୀ କିନ୍ତୁ ତାଙ୍କ କର୍ମଭୂମି ଥିଲା ଅନୁଗୁଳର ଅଲକା ଆଶ୍ରମ । ୧୯୫୭ରେ କେନ୍ଦ୍ରାପଡ଼ା ମାଟିର ପୁଅ ଯଦୁମଣି ମଙ୍ଗରାଜ କଂଗ୍ରେସ ଟିକେଟରୁ ଏହି ନିର୍ବାଚନ ମଣ୍ଡଳୀରୁ ବିଜୟୀ ହୋଇ ଉପ-ବାଚସ୍ପତି ପଦ ମଣ୍ଡନ କରିଥିଲେ । ତେବେ ଅନେକ ନେତା ଏପରି ବାହାର ଅଞ୍ଚଳର ହୋଇଥିଲେ ମଧ୍ୟ ସେମାନେ କିନ୍ତୁ ଅନ୍ୟ ନିର୍ବାଚନ ମଣ୍ଡଳୀରେ ନିର୍ବାଚନ ଲଢ଼ିଥାନ୍ତି । ତେବେ ଏହି ତାଲିକା ଆହୁରି ମଧ୍ୟ ଲମ୍ବା । ଅନେକ ହୁଏତ ଜାଣିନଥିବେ ପ୍ରଫୁଲ୍ଲ ଘଡ଼େଇଙ୍କ ଘର ଦଶରଥପୁର ବ୍ଲକ ହୋଇଥିଲେ ମଧ୍ୟ ସେ ଓ ତାଙ୍କ ପୁତ୍ର ପ୍ରୀତିରଞ୍ଜନ ସୁକିନ୍ଦା, କୋରେଇ ନିର୍ବାଚନ ମଣ୍ଡଳୀରୁ ପ୍ରତିନିଧିତ୍ୱ କରିଛନ୍ତି । ସ୍ୱର୍ଗତଃ ଅଶୋକ ଦାସ କୋରେଇରୁ ଲଢୁଥିଲେ ମଧ୍ୟ ତାଙ୍କ ମୂଳ ଘର କିନ୍ତୁ ଯାଜପୁର ନିର୍ବାଚନ ମଣ୍ଡଳୀରେ । ସେହିପରି ସ୍ୱର୍ଗତ କଳ୍ପତରୁ ଦାସଙ୍କ ମୂଳ ଗ୍ରାମ କୋରେଇ ନିର୍ବାଚନ ମଣ୍ଡଳୀରେ ଥିବାବେଳେ ସେ କିନ୍ତୁ ଧର୍ମଶାଳା ଆସନରୁ ପ୍ରତିନିଧିତ୍ୱ କରି ବିଧାୟକ ହୋଇଥିଲେ । ତେବେ ଅସଲ କଥା ହେଉଛି ବାହାର ଅଞ୍ଚଳ ପ୍ରାର୍ଥୀ ହୋଇଥିଲେ ମଧ୍ୟ ସେମାନଙ୍କ ବ୍ୟକ୍ତିତ୍ୱ, କର୍ମ ପ୍ରବଣତା, ନିଷ୍ଠାପରତା ଓ ଜନାଧାର ସେମାନଙ୍କୁ ରାଜନୀତିରେ ବିଜୟୀ କରିଥାଏ । ତେବେ ସମସ୍ତେ କିନ୍ତୁ ଏହି ନିର୍ବାଚନ ବୈତରଣୀରେ ପାର ହୋଇପାରିନଥାନ୍ତି । ତେବେ ସ୍ୱାଭାବିକ ଭାବେ ମାଟିର ପୁଅ ସ୍ୱାଭିମାନ ପ୍ରସଙ୍ଗ ଉଠିଲେ ଏହା ଭୋଟ କ୍ଷେତ୍ରକୁ ପ୍ରଭାବିତ କରିଥାଏ ।

ବିଜେଡ଼ିର ବଡ଼ଚଣାରେ ବର୍ଷା ପ୍ରିୟଦର୍ଶିନୀଙ୍କୁ ପ୍ରାର୍ଥୀ ଭାବେ ମନୋନୀତ କଲାପରେ ଭୀଷଣ ପ୍ରତିକ୍ରିୟା ସୃଷ୍ଟି ହୋଇଛି । କାରଣ ଏଠାରେ ତଥାକଥିତ ହେଭିୱେଟ୍, ପ୍ରଭାବଶାଳୀ ଆଶାୟୀ ଅନେକଙ୍କ ଲମ୍ବା ତାଲିକା ମଧ୍ୟ ରହିଥିଲା । କିନ୍ତୁ ଏହି ନିର୍ବାଚନ ମଣ୍ଡଳୀ ସହିତ ସାମାନ୍ୟ ବିନ୍ଦୁଟିଏ କୌଣସି ସମ୍ପର୍କ ନଥିବା ଜଣେ ବିତର୍କିତ ଓ ଚର୍ଚ୍ଚିତ ସିନେ ଅଭିନେତ୍ରୀଙ୍କୁ ବଡ଼ଚଣା ପରି ଏକ ସ୍ୱାଭିମାନୀ ଓ ସଂଗ୍ରାମୀ କ୍ଷେତ୍ରରୁ ଛିଡ଼ା କରାଇବାର ରହସ୍ୟ ସମ୍ଭବତଃ ବିଜେଡ଼ି ଦଳଙ୍କୁ ଜଣାଥିବ । କିନ୍ତୁ ବିଜେଡ଼ିର ଏହି ପଦକ୍ଷେପ କିନ୍ତୁ ବିଜେପି ପାଇଁ ଲାଭଦାୟକ ନିଶ୍ଚିତ ହେବ । କହିବାକୁ ଗଲେ ବିଜେପିର ପ୍ରାର୍ଥୀ ହୋଇଥିବା ନିଷ୍କଳଙ୍କ ତଥା ଅମାୟିକ ଲୋକପ୍ରିୟ ଯୁବ ଚେହେରା ଅମର ନାୟକ ହେଉଛନ୍ତି ମାଟିର ପୁଅ । ସ୍ଥାନୀୟ ଲୋକଙ୍କ ସମସ୍ୟା, ଅଭାବ, ଅସୁବିଧା ସହ ସେ ବର୍ଷ ବର୍ଷ ଧରି ଜଡ଼ିତ ଓ ସେମାନଙ୍କ ସହିତ ହିଁ ସେ ସ୍ୱର ଉତ୍ତୋଳନ କରୁଛନ୍ତି । ପ୍ରଶାସନର ଅନେକ ନିଷ୍କ୍ରିୟତାକୁ ସେ ବିରୋଧ କରି ବିଭିନ୍ନ ସମୟରେ ଲୋକପ୍ରସଙ୍ଗ ସେ ଜଡ଼ିତ ଅଛନ୍ତି । ବିଜେଡ଼ିର ସମ୍ଭବତଃ ଶେଷ ତାଲିକା ଆହୁରି ବାକି ଥିଲାବେଳେ ଅନେକ ଆଶାୟୀଙ୍କ ମୁହଁ କିନ୍ତୁ କଳା ପଡ଼ିଯାଇଛି । ଏଥର ବଡ଼ଚଣା ନିର୍ବାଚନ ମଣ୍ଡଳୀ ଓଡ଼ିଶାର ଏକ ସଂଗ୍ରାମ ଓ ସ୍ୱାଭିମାନର ଆହ୍ୱାନକୁ ନେଇ ଆଗକୁ ବଢ଼ିବ । ତଥାକଥିତ ଦଳର ସୁପ୍ରିମୋ ତଥା ମୁଣ୍ଡିଆଳମାନେ ଭୁବନେଶ୍ୱରରେ ରହି ସ୍ଥାନୀୟ ଲୋକଙ୍କ ସହିତ ନ ଯୋଡ଼ିହୋଇ ବାହାରୁ ଚିକମିକ୍ କରୁଥିବା ତାରକା ଚେହେରା ପ୍ରାର୍ଥୀଙ୍କୁ ଆଣି ସେମାନଙ୍କ ପ୍ରତିନିଧି ବୋଲି ଲଦି ଦେବାକୁ ଆଉ ଲୋକମାନେ ବରଦାସ୍ତ କରିବା ଅପେକ୍ଷାରେ ହିଁ ନାହାନ୍ତି । ଗଣତନ୍ତ୍ରର ବ୍ୟବସ୍ଥା ଅନୁଯାୟୀ ଜଣେ ଯେଉଁଠି ଲଢ଼ିପାରିବାରେ କୌଣସି ପ୍ରତିବନ୍ଧକ ନାହିଁ କିନ୍ତୁ ସ୍ଥାନୀୟ ନିର୍ବାଚନ ମଣ୍ଡଳୀର ଭାବାବେଗ ସହିତ କୁଠାରଘାତ କରି ଭୋଟ୍ ରାଜନୀତି ମୁହାଁ ଏହି ନିର୍ବାଚନରେ ଉଚିତ୍ ବିଚାର ସେ ଜନତା ଜନାର୍ଦ୍ଦନ କରିବେ । କଥାରେ ଅଛି କ୍ରିକେଟ ଖେଳ ଓ ଭୋଟ୍ ରାଜନୀତି ଏହା ଉପରେ କିଛି ବି ଭବିଷ୍ୟ ଗଣନା କରିବା ଅମୂଳକ । ତେଣୁ ବାହାରୁ ପ୍ରାର୍ଥୀ ଆଣି ଲଢ଼ାଇ ସେମାନେ ବିଜେତା ହୋଇଛନ୍ତି କି ? ମାଟିର ପୁଅ ପାଲଟୁଛନ୍ତି ବାଜିଗର, ସେ ଉତ୍ତର ଖୁବ୍ ଶୀଘ୍ର ମିଳିଯିବ ।

*ବରଦା, ବାଲିଚନ୍ଦ୍ରପୁର, ଯାଜପୁର*
*ଦୂରଭାଷ : ୮୮୯୫୨୯୬୧୬୭*

# ଓଡ଼ିଶା କଂଗ୍ରେସ, ଭୋଟବ୍ୟାଙ୍କ ଓ ନିର୍ଣ୍ଣାୟକ କ୍ଷେତ୍ର

ସାଧାରଣରେ ଖରାର ତାତି ସହ ନିର୍ବାଚନୀର ତାତି ମଧ୍ୟ ଆହୁରି ବଢ଼ିଗଲାଣି । ମେଣ୍ଟ ଭାଙ୍ଗିବାରୁ ପଞ୍ଚକୁ ହଟିଗଲା ପରେ ଉଭୟ ବିଜେଡ଼ି ଓ ବିଜେପି କି ଜାନ୍ ଲଢ଼େଇରେ ନିଜକୁ ଲଗାଇଛନ୍ତି । କଂଗ୍ରେସ ଅନେକ ନିର୍ବାଚନ ମଣ୍ଡଳୀରେ ବିଜେଡ଼ି ଓ ବିଜେପିର ଏକ ପ୍ରକାର ଗଡ଼ ଥିବାପରି କ୍ଷେତ୍ର ରହିଛି ତେବେ ରାଜ୍ୟରେ ଏବେ ବି କଂଗ୍ରେସର ମଜଭୁତ ଭୋଟ ବ୍ୟାଙ୍କ ରହିଛି । ଲଢ଼େଇରେ ବିଜେଡ଼ି ଓ ବିଜେପି ସହ ସମକକ୍ଷ ନ ହୋଇପାରେ କିନ୍ତୁ ୨୦୧୯ରେ ଭୋଟ ଫଳାଫଳ ଓ କଂଗ୍ରେସର ଭୋଟ ହାରକୁ ଦେଖିଲେ ଏହା ବେଶ ସ୍ପଷ୍ଟ ଯେ ରାଜ୍ୟରେ ୭୦ରୁ ଅଧିକ ସିଟରେ କଂଗ୍ରେସ ନିର୍ଣ୍ଣାୟକ ଭୂମିକାରେ ରହିବ । ବଡ଼ଦଳ କହୁଥିବା ବିଜେଡ଼ି ଓ ବିଜେପିର ପ୍ରାର୍ଥୀ ମାନଙ୍କ ଚିଠା କାଟିବା ପାଇଁ କଂଗ୍ରେସ ହାରଜିତ ଭୂମିକା ତୁଲାଇବ । ୨୦୧୯ରେ ୯ଟି ବିଧାନସଭା ସିଟ କଂଗ୍ରେସ ପାଇଥିଲା । ୩୧ଟି ଆସନରେ ଦ୍ୱିତୀୟ ସ୍ଥାନରେ ଥିବାବେଳେ ଦଳ କିନ୍ତୁ ପାଖାପାଖି ୬୨ଟି ସିଟରେ ଆଶାନୁରୂପ ଭୋଟ ପାଇ ମଜଭୁତ ସ୍ଥିତିରେ ରହିଥିଲା । ଚଳିତଥର ନିର୍ବାଚନରେ କଂଗ୍ରେସର ଭୋଟବ୍ୟାଙ୍କ ଅନ୍ୟ ପ୍ରାର୍ଥୀଙ୍କ ଜୟ ପରାଜୟର ଚାବି ଫେଣ୍ଟି ଦେବାର ସମ୍ଭାବନା ରଖିଛି । କହିବାକୁଗଲେ ବିଜେଡ଼ି ଓ ବିଜେପି ପ୍ରାର୍ଥୀର ଭୋଟ ହାରକୁ କଂଗ୍ରେସର ଭୋଟ ଅନେକାଂଶରେ ପ୍ରଭାବିତ କରିବ । ଓଡ଼ିଶାରେ ତ୍ରିମୁଖୀ ଲଢ଼େଇ ହେଉଥିଲେ ମଧ୍ୟ ଅନେକ ଆସନରେ କଂଗ୍ରେସ ତାର ପାରମ୍ପରିକ ଦୁର୍ଗ ତଥା ମଜଭୁତ କ୍ଷେତ୍ର ଥିବା ସିଟରେ ସିଧାସଳଖ ବିଜେଡ଼ି କିମ୍ବା ବିଜେପି ସହିତ ଲଢୁଛି । ୨୦୧୯ରେ କଂଗ୍ରେସ ଜିତିଥିବା ୯ଜଣଙ୍କ ଭିତରୁ ଖଡ଼ିଆଳ ବିଧାୟକ ଅଧିରାଜ ପାଣିଗ୍ରାହୀ ବିଜେଡ଼ିରେ ଯୋଗ ଦେଇଛନ୍ତି । କଂଗ୍ରେସ ଗତ ନିର୍ବାଚନରେ ଏହି ସିଟରୁ ୫୯ ହଜାରରୁ ଅଧିକ ଭୋଟ ହାତେଇଥିଲା । ଏଠାରେ କଂଗ୍ରେସର ଆଖିଦୃଶିଆ ଭୋଟବ୍ୟାଙ୍କ ରହିଛି । ତେଣୁ ଦଳର ପାରମ୍ପରିକ ଭୋଟରୁ ଯିଏ ନିଜ ସପକ୍ଷରେ ଅଧିକ ଟାଣି ପାରିବ ରାୟ ତାଙ୍କ ସପକ୍ଷରେ ନିଶ୍ଚିତ ଯିବ । ସେହିପରି ଖୋର୍ଦ୍ଧାର ଜଟଣୀ କଂଗ୍ରେସର ବଡ଼ ଚେହେରା କୁହାଯାଉଥିବା ସୁରେନ୍ଦ୍ର ରାଉତରାୟ ଦଳରୁ ବହିଷ୍କାର ହୋଇ ଆଉ ଲଢୁନାହାଁନ୍ତି । ଏହି ନିର୍ବାଚନ ମଣ୍ଡଳୀରେ କଂଗ୍ରେସର ଭୋଟ ଜଟଣୀ ବିଧାନସଭା ଓ ଭୁବନେଶ୍ୱର ଲୋକସଭା ପାଇଁ ନିର୍ଣ୍ଣାୟକ ଭୂମିକାରେ ରହିବ । ବଲାଙ୍ଗୀରରେ ନରସିଂହ ବାବୁଙ୍କ ପୁଅ ସମରେନ୍ଦ୍ର ମିଶ୍ର ପ୍ରାର୍ଥୀ ହୋଇଛନ୍ତି । ସେହିପରି ଅନ୍ୟ ଏକ କ୍ଷେତ୍ର ହେଉଛି କଟକର ମାହାଙ୍ଗା ନିର୍ବାଚନ ମଣ୍ଡଳୀ ସେଠାରେ କ୍ରମାଗତ ଭାବେ କଂଗ୍ରେସର ପ୍ରାର୍ଥୀ ହୋଇଛନ୍ତି ଦେବେନ୍ଦ୍ର ସାହୁ । କଟକର ଚର୍ଚ୍ଚିତ ବିଧାନସଭା ନିର୍ବାଚନ ମଣ୍ଡଳୀ ମାହାଙ୍ଗାର ରାଜନୈତିକ ଦୃଶ୍ୟପଟ୍ଟ ଏଥର ଅପ୍ରତ୍ୟାଶିତ ଭାବେ ବଦଳି ଯାଇଛି । କାରଣ ଗତ ନିର୍ବାଚନରେ ପରସ୍ପରକୁ ଟକ୍କର ଦେଉଥିବା ପାରମ୍ପରିକ ବିଜେଡ଼ିର ପ୍ରାର୍ଥୀ ପ୍ରତାପ ଜେନା ଏଥର ନାହାଁନ୍ତି କିମ୍ବା ବିଜେପିରୁ ଶାରଦା ପ୍ରଧାନ ନାହାଁନ୍ତି କିନ୍ତୁ କଂଗ୍ରେସ ଦେବେନ୍ଦ୍ର ସାହୁଙ୍କୁ ପୁଣିଥରେ ସୁଯୋଗ ଦେଇଛି । ବିଜେଡ଼ିରୁ ପ୍ରତାପ ଜେନାଙ୍କ ପୁଅ ପ୍ରାର୍ଥୀ ହୋଇଥିବାବେଳେ ବିଜେପିର ନବାଗତ ସୁମନ୍ତ ଘଡ଼େଇ ତେଣୁ ଏହି ନିର୍ବାଚନ ମଣ୍ଡଳୀରୁ ବିଜୟ ପାଇଁ ଦେବେନ୍ଦ୍ର ସାହୁ ସୁବିଧାଜନକ ସ୍ଥିତିରେ ଅଛନ୍ତି । ମାହାଙ୍ଗା ରାଜନୈତିକ ହିଂସାକାଣ୍ଡକୁ ନେଇ ନିନ୍ଦିତ, ବିପର୍ଯ୍ୟସ୍ତ ଆଇନ ଶୃଙ୍ଖଳା, ବିପର୍ଯ୍ୟସ୍ତ ସ୍ୱାସ୍ଥ୍ୟସେବା, ବିଦ୍ୟାଳୟ ଗୁଡ଼ିକର ଶୋଚନୀୟ ସ୍ଥିତି, ଜଳ ସେଚନ ସମସ୍ୟା ଏବଂ ସର୍ବୋପରି କଂଗ୍ରେସ ଅମଳରେ ଯାହା କିଛି ଶିଳ୍ପ



ସୌମ୍ୟସାଇ ସିଦ୍ଧାର୍ଥ

ହୋଇଥିଲା ତାହାସବୁ ବନ୍ଦ କରିଦିଆଗଲା ବୋଲି ଦେବେନ୍ଦ୍ର ସାହୁଙ୍କ ଅଭିଯୋଗ ରହିଛି । ଦେବେନ୍ଦ୍ର ବାବୁ ଓଡ଼ିଶା କଂଗ୍ରେସର ଜଣେ ସୁପରିଚିତ ଚେହେରା । ମାହାଙ୍ଗାରେ କଂଗ୍ରେସର ଏକ ଗଡ଼ ସେ ତିଆରି କରିପାରିଛନ୍ତି ନିଜ ଅଭିଜ୍ଞତା ଓ ବ୍ୟକ୍ତିଗତ ଲୋକସମ୍ପର୍କକୁ ନେଇ । ଜଣେ ରାଜନେତା ଭାବେ ନୁହେଁ ସେ ବ୍ୟବସାୟ ସହ ସମ୍ପୃକ୍ତ ରହିବା କାରଣରୁ ସମଗ୍ର ଓଡ଼ିଶାରେ ମଧ୍ୟ ଅନେକ ସ୍ଥାନରେ ତାଙ୍କର ପ୍ରଭାବ ରହିଛି । ତାଙ୍କ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଓଳକଣାରେ ଯେଉଁ ପ୍ରସିଦ୍ଧ ମେଳଣ ଅନୁଷ୍ଠିତ ହୁଏ ଏହାର ଶ୍ରେୟ ଦେବେନ୍ଦ୍ର ବାବୁଙ୍କୁ ଯାଇଥାଏ । ଜଣେ ବନ୍ଧୁ ବତ୍ସଳ, ସମାଜସେବୀ ଓ ଲୋକପ୍ରିୟ ମଣିଷ ଭାବେ ସ୍ଥାନୀୟ ଅଞ୍ଚଳରେ ସେ ଘରେ ଘରେ ବେଶ ପରିଚିତ । ଏସବୁ ଭୋଟରେ ପରିଣତ ହେଲେ ଏହି ନିର୍ବାଚନ ମଣ୍ଡଳୀରେ ତାଙ୍କ ପ୍ରତିଦ୍ୱନ୍ଦ୍ୱୀଙ୍କ ଧଜିଆର ଉଡିଯିବ କହିଲେ ଅତ୍ୟୁକ୍ତି ହେବନାହିଁ । ଏହି ନିର୍ବାଚନ ମଣ୍ଡଳୀରେ ୨ଲକ୍ଷ ୭୦ ହଜାର ୧୨୮ଜଣ ଭୋଟର ରହିଛନ୍ତି । ଏହି କ୍ଷେତ୍ରକୁ କଂଗ୍ରେସ ସର୍ବାଧିକ ଗୁରୁତ୍ୱ ଦେଉଛି ଏବଂ ଏଠାରୁ ଦେବେନ୍ଦ୍ର ସାହୁଙ୍କ ଜିତାଇବାର ସମ୍ଭାବନା ଅଧିକ । ପଶ୍ଚିମାଞ୍ଚଳର ବିଜେପି ଓ କିଛି କଂଗ୍ରେସ ଭୋଟକୁ କାଟିବା ପାଇଁ କଣ୍ଟାବାଞ୍ଜି ପରି କଂଗ୍ରେସର ଗଡ଼ କୁହାଯାଉଥିବା ନିର୍ବାଚନ ମଣ୍ଡଳୀରୁ ଖୋଦ ମୁଖ୍ୟମନ୍ତ୍ରୀ ପ୍ରାର୍ଥୀ ହୋଇଛନ୍ତି । ଏଠାରୁ ସନ୍ତୋଷ ସିଂହ ସାଲୁଜା ଚାରି ଚାରି ଥର ବିଜୟ ଲାଭ କରିଛନ୍ତି । ୨୦୧୯ରେ କଂଗ୍ରେସରେ ମର୍ଯ୍ୟାଦାଜନକ କଟକ ବାରବାଟୀ ଆସନରେ ଜିତିପାରି ପାଇଥିଲା । ତେବେ ଏହା ବ୍ୟତୀତ ଓଡ଼ିଶାର ସୋର, ଭଣ୍ଡାରୀ ପୋଖରୀ, ବାସୁଦେବପୁର, ଆଳି, କେନ୍ଦ୍ରାପଡ଼ା, ବାଙ୍କୀ, ବଡ଼ମ୍ବା, ଭୋଗରାଇ, ବାଲିକୁଦା-ଏରସମା, ପାରାଦ୍ୱୀପ, ରାଜନଗର, ଜଗତସିଂହପୁର, କାକଟପୁର, ନିମାପଡ଼ା, ବେଗୁନିଆ, ବିଶ୍ୱମକଟକ, ରାୟଗଡ଼ା, ଲକ୍ଷ୍ମୀପୁର, ପଟ୍ଟାଙ୍ଗୀ, କୋଟପାଡ଼, କୋରାପୁଟ, ପାଟଣାଗଡ଼, ଲୋଇସିଂହା, ବିରମହାରାଜପୁର, ଟିଟିଲାଗଡ଼, ନୂଆପଡ଼ା, ଉମରକୋଟ, ଝରିଗାଁ, ନବରଙ୍ଗପୁର, ଡାବୁଗାଁ, ଲାଞ୍ଜିଗଡ଼, ଧର୍ମଗଡ଼, ବାଲିଗୁଡ଼ା, ନଉଗାଁ, ଭବାନୀପାଟଣା, ଜୁନାଗଡ଼, ଜି.ଉଦୟଗିରି, ତଳସରା, ଚିତ୍ରୋକୋଣ୍ଡା, ମାଲକାନାଗିରି ପରି ପ୍ରମୁଖ ଆସନରେ କଂଗ୍ରେସ ୩୦ ହଜାରରୁ ଉର୍ଦ୍ଧ୍ୱ ଭୋଟ ହାତେଇ ନିଜ ପାରମ୍ପରିକ ଗଡ଼ ହାତେଇଥିଲା । ତେଣୁ କମ ବ୍ୟବଧାନରେ ଯେଉଁ ବିଧାନସଭା କ୍ଷେତ୍ରରେ ଦଳ ପରାଜୟ ବରଣ କରିଛି ତାକୁ ସର୍ବାଧିକ ଗୁରୁତ୍ୱ ଦେଉଛି । ଏହା ବ୍ୟତୀତ ଜୟପୁରରେ ତାରାବାହିନୀ ପତି, ସାନ ଖେମୁଣ୍ଡିରେ ରମେଶ ଜେନା, ରାଜଗାଁପୁରର ସି.ଏସ. ରାଜନ ଓ ଗଜପତିର ମୋହନା ବିଧାନସଭା କ୍ଷେତ୍ରକୁ ମଧ୍ୟ କଂଗ୍ରେସ ନିଜ ଗଡ଼ କରି ରଖିଛି । ତେଣୁ ଉକ୍ତ ଆସନ ଗୁଡ଼ିକୁ ମଜଭୁତ ସ୍ଥିତିରେ କେବଳ ନୁହେଁ ଦଳର ବିଜୟ ପାଇଁ ଅଧିକ ଗୁରୁତ୍ୱ ଦେଇ ଫୋକସ ମଧ୍ୟ କରୁଛି । ଓଡ଼ିଶାରେ ବିଜେଡ଼ି ବିଜେପିର ମେଣ୍ଟ ସମ୍ଭାବନା ଓ ଏହାକୁ ନେଇ ଢ଼େର ଚର୍ଚ୍ଚା ଆଲୋଚନା ପରେ ଏହି ଦୁଇଦଳ ମେଣ୍ଟ ଲଢ଼େଇରୁ ଓହରିଛନ୍ତି । ତେଣୁ ସେମାନେ ଯେ ଲଢ଼େଇରେ ବାସ୍ତବ ଶତ୍ରୁ ନୁହଁନ୍ତି ବରଂ ମିତ୍ର ଏହା କଂଗ୍ରେସକୁ ବୁଝାଇବା ଦରକାର । ଯଦିସ ରାଜନୈତିକ ସମୀକ୍ଷକଙ୍କ କହିବା ଅନୁଯାୟୀ ଓଡ଼ିଶାରେ ବିଜେଡ଼ି-ବିଜେପିର ମେଣ୍ଟ ହୋଇଥିଲେ ଓଡ଼ିଶା କଂଗ୍ରେସ ମାହାଳିଆରେ ବାୟା ଧରିପାରିବାର ସୁଯୋଗ ସୃଷ୍ଟି ହୋଇଥାନ୍ତା କାରଣ ଏକମାତ୍ର ବିରୋଧୀ ଦଳ ଭାବେ କଂଗ୍ରେସ ହିଁ ସାମ୍ନାକୁ ଆସିଥାନ୍ତା । ଓଡ଼ିଶାରେ ଶାସନ ବିରୋଧୀ, ଜନାଦେଶକୁ କଂଗ୍ରେସ ଲୋକଙ୍କ ପାଖରେ ପହଞ୍ଚାଇ ସରକାରଙ୍କ ଦୋଷ ଦୁର୍ବଳତାକୁ ବୁଝାଇବା ସହ ନରେନ୍ଦ୍ର ମୋଦିଙ୍କ ବିଜେପିର ଅଘୋଷିତ ଏଜେଣ୍ଡାକୁ ଲୋକ ବୁଝିପାରିଲେ କଂଗ୍ରେସ ପାଇଁ ଏହା ଲାଭଦାୟକ ହୋଇପାରନ୍ତା । ଓଡ଼ିଶାରେ କଂଗ୍ରେସ ଅନେକ ସମୟ ନିଜ ଲଢ଼େଇକୁ ବନ୍ଦ ରହି ନିଜ ସମ୍ମାନ ହରାଇଥିବାର ଅନେକ ନଜିର ରହିଛି । ତେବେ କଂଗ୍ରେସ ଏସବୁକୁ ଭୁଲି ନିଜ ପାରମ୍ପରିକ ବିଧାନସଭା କ୍ଷେତ୍ରକୁ ଗୁରୁତ୍ୱ ଦେଇ ଲଢ଼େଇକୁ ତେଜୀୟାନ କଲେ ଫଳାଫଳ କିଛି ଅଲଗା ହୋଇପାରେ । ତେବେ ଓଡ଼ିଶା କଂଗ୍ରେସର ଭାଗ୍ୟ କେଉଁ ଆଡ଼କୁ ଯିବ ତାହା ଆଉ ବେଶି ଦିନ ନୁହେଁ ଭୋଟ ଫଳାଫଳରୁ ସବୁକିଛି ପ୍ରମାଣିତ ହୋଇଯିବ ।

*ପଲାଇ, ବାଲିଚନ୍ଦ୍ରପୁର, ଯାଜପୁର,*
*ଦୂରଭାଷ : ୮୯୨୬୨୮୧୭୦୭*

# ବିଜେଡ଼ିରେ ଅରବିନ୍ଦ : ରାଜନୀତିର କଡ ଲେଉଟାଣି

ବର୍ଷ ବର୍ଷର ଅଭିଜ୍ଞତା, ବିଜୁ ବାବୁଙ୍କ ପରି କିମ୍ବଦନ୍ତୀ ଜନନାୟକ ତଥା ତତ୍କାଳୀନ ମୁଖ୍ୟମନ୍ତ୍ରୀଙ୍କ କ୍ୟାବିନେଟର ନମ୍ବର ଟୁ ଏବଂ ସେ ସମୟର ବିଜେଡ଼ି ଦଳର ଅନ୍ୟତମ ପ୍ରତିଷ୍ଠାତା .... ସେ ଥିଲେ ବିଜୟ ମହାପାତ୍ର । ଓଡ଼ିଶା ରାଜନୀତିରେ ବିଜୟ ମହାପାତ୍ର ଜଣେ ଏପରି ଚେହେରା ଯିଏ ଅଶୀ ଦଶକରୁ ଅଣକଂଗ୍ରେସ ରାଜନୀତିରେ ପ୍ରବେଶ କରି ନିଜକୁ ଏକ ପ୍ରଭାବଶାଳୀ ଚେହେରା ବନାଇବାରେ ତାଙ୍କ ଦକ୍ଷତା, ପ୍ରତିବଦ୍ଧତା ଓ ବିଚକ୍ଷଣତାକୁ ସଫଳ କରାଇପାରିଥିଲେ । ବିଜୁ ବାବୁଙ୍କ ଦେହାନ୍ତ ପରେ ତତ୍କାଳୀନ ଜନତା ପରିବାର ଏକ ବିପର୍ଯ୍ୟୟ ମୁହାଁ ହୋଇଥିବାବେଳେ ଓଡ଼ିଶାର ରାଜନୀତି ବେଶ ଧାଁ ଧଉଡ ସାପ ସିଡ଼ି ଖେଳ ଭିତରେ ରହିଥିବା ବେଳେ ଜନତା ପରିବାରକୁ ଛିଡ଼ା କରାଇବାରେ ପ୍ରମୁଖ ଭୂମିକା ନେଇଥିଲେ ବିଜୟ ମହାପାତ୍ର । ତେବେ ପରବର୍ତ୍ତୀ ସମୟରେ ଯାହା ଘଟଣା ସବୁ ଘଟି ଯାଇଛି ତାହାତ ସମସ୍ତଙ୍କୁ ଜଣା । ଏହା ଭିତରେ ରାଜ୍ୟ ରାଜନୀତିର କହିବାକୁଗଲେ ମହାନଦୀରେ ଅନେକ ପାଣି ବୋହି ଯାଇଛି ବିତିଯାଇଛି ଚବିଶ ବର୍ଷ । ପାଟକୁରା ନିର୍ବାଚନୀ ମଣ୍ଡଳୀ ପ୍ରାୟତଃ ସବୁ ନିର୍ବାଚନ ସମୟରେ ଚର୍ଚ୍ଚାର କେନ୍ଦ୍ରବିନ୍ଦୁ ପାଲଟିଥାଏ । ଏକାବନ ଗୋଟି ପଞ୍ଚାୟତକୁ ନେଇ ନିର୍ବାଚନ ମଣ୍ଡଳୀରେ ଡେରାବିସ ବ୍ଲକରେ ୨୬ଟି, ଗରଦପୁର ବ୍ଲକରେ ୧୮ଟି, ଓ ସାତଟି ପଞ୍ଚାୟତ ମାର୍ଶାଘାଇ ବ୍ଲକ ଅର୍ନ୍ତଭୁକ୍ତ । ପ୍ରାୟ ସବୁ ନିର୍ବାଚନ ସମୟରେ ଓଡ଼ିଶାର ଏକ ସମ୍ବେଦନଶୀଳ ଓ ସରଗରମ ନିର୍ବାଚନ ମଣ୍ଡଳୀ ଭାବେ ଏହା ବେଶ ପରିଚିତ । ରାଜନୀତିର ଚିତ୍ରପଟ୍ଟରେ ବିଶେଷକରି ଓଡ଼ିଶା ରାଜନୀତି ଆଉ ବିଜେଡ଼ି ରାଜନୀତି ଭିତରେ ଅନେକ ଦୃଶ୍ୟାବଳୀ ସବୁ ସଂଗଠିତ ହୋଇସାରିଲାଣି । ଅପ୍ରତ୍ୟାଶିତ ଭାବେ ଗତ ୨୦୦୦ମସିହାରେ ବିଜୟ ମହାପାତ୍ରଙ୍କ ଟିକେଟ କଟିବା ପରେ ସ୍ୱୟଂ ବିଜୟ ମହାପାତ୍ର ନୂଆ ରାସ୍ତାରେ ତାଙ୍କ ରାଜନୈତିକ ଜୀବନ ଆରମ୍ଭ କରିଥିଲେ । ୨୦୦୪, ୨୦୦୯, ୨୦୧୪ ଓ ୨୦୧୯ ସବୁ ନିର୍ବାଚନରେ ବିଜୟ ମହାପାତ୍ରରେ ନିର୍ବାଚନ ଲଢ଼ିଥିଲେ କିନ୍ତୁ ତାଙ୍କ ପରି ଚତୁର ରଣନୀତିକାର ଓ ରାଜନୈତିକ ଦକ୍ଷତା ସବୁକିଛି ଥିଲେ ମଧ୍ୟ ସେତେବେଳେ ତାଙ୍କ ନେତୃତ୍ୱରେ ନୂଆ ଗଢ଼ା ହୋଇଥିବା ଓଡ଼ିଶା ଗଣପରିଷଦ କିନ୍ତୁ ଦୁଇଜଣ ବିଧାୟକଙ୍କୁ ଜିତାଇ ପାରିଥିଲା । ଜଣେ ଥିଲେ କେନ୍ଦ୍ରାପଡ଼ାରୁ ଉତ୍କଳ କେଶରୀ ପରିଡ଼ା ଅନ୍ୟ ଜଣେ ବାଲେଶ୍ୱରରୁ ଅରୁଣ ଦେ । ତେବେ ୨୦୦୯ରେ ଶରତ ପାୱାରଙ୍କ ଏନସିପିର ନେତୃତ୍ୱ ନେଇ ବିଜୟ ବାବୁ ଏକ ବିକଳ୍ପ ମଞ୍ଚ ଗଢ଼ିବା ପାଇଁ ଚେଷ୍ଟା କରିଥିଲେ । ଅଶୋକ ଦାସ, ପ୍ରଶାନ୍ତ ନନ୍ଦ ଓ ଅମର ଶତପଥୀଙ୍କ ପରି ନେତାଙ୍କୁ ସାଙ୍ଗରେ ଧରି ଆଗକୁ ବଢ଼ିବା ପାଇଁ ଚେଷ୍ଟା କରୁଥିବାବେଳେ ପରବର୍ତ୍ତୀ ସମୟରେ ସହଯୋଗୀମାନେ ବିଜେଡ଼ି ସହ ମେଣ୍ଟରେ ବିଧାୟକ ଭାବେ ନିର୍ବାଚିତ ହୋଇଥିଲେ । ରାଜନୀତିର ପଶା ପାଲ୍ଲାରେ ବିଜୟ ବାବୁ ପୁଣିଥରେ ଚିତପଟାଙ୍ଗ ମାରିଥିଲେ । କହିବାକୁଗଲେ ନବୀନ ବାବୁ ଆଉ ବିଜେଡ଼ି ଭିତରେ ସେ ଲମ୍ବା ଲଢ଼େଇ ଭିତରେ ସେ ବିଲକୁଲ ଏକଲା ପଡ଼ିଯାଇଥିଲେ ସେ କିନ୍ତୁ ଲଢ଼େଇ ମଇଦାନରୁ କେବେ ସେ ପଛ ଘୁଞ୍ଚା ଦେଇନାହାନ୍ତି । ଓଡ଼ିଶା ଗଣପରିଷଦ, ରାଷ୍ଟ୍ରବାଦୀ କଂଗ୍ରେସ ପାର୍ଟି ପରେ ସେ ବିଜେପିରୁ ଯାଇଥିଲେ । କେବଳ ସେତିକି ନୁହେଁ ୨୦୧୪ ଆଉ ୨୦୧୯ରେ ବିଜେପିରୁ ହିଁ ସେ ନିର୍ବାଚନ ଲଢ଼ିଥିଲେ । ତେବେ ସେ ବିଧାନସଭାକୁ ଜିତି ପାରିନଥିଲେ । ୨୦୦୦ମସିହାରୁ ୨୦୨୪ ଅଢ଼େଇ ଦଶନ୍ଧିର ଏହି କଷ୍ଟକର ରାଜନୈତିକ ଯାତ୍ରାରେ ବିଜୟ ବାବୁ କିନ୍ତୁ କେବେ ବି ହାର ମାନି ନାହାଁନ୍ତି । ରାଜନୀତିରେ ଏପରି ଘଟଣାତ ଘଟେ କିନ୍ତୁ ଅବିଚଳିତ ଭାବେ ସେ କେବେ ପ୍ରତିପକ୍ଷ ରାଜନୈତିକ ଶକ୍ତି ଆଗରେ ସାଲିସ କରିନାହାନ୍ତି । ତେବେ ଚବିଶ ବର୍ଷର ତିକ୍ତତାର ଏକ ପ୍ରକାରର ବରଫ ଥଣ୍ଡା ପଡ଼ିଛି । ପିଢ଼ି ବଦଳିବା ସହ ଚିତ୍ର ମଧ୍ୟ ବଦଳି ଯାଇଛି । ବାପାଙ୍କ ରାଜନୈତିକ ତିକ୍ତତାର ଲଢ଼େଇକୁ ଆଉ ଆଗକୁ ବଢ଼ିବାକୁ ନ ଦେଇ ତାଙ୍କ ପୁଅ ଅରବିନ୍ଦ ମହାପାତ୍ର ଯୋଗ ଦେଇଛନ୍ତି ବିଜେଡ଼ିରେ । କହିବାକୁଗଲେ ଯେଉଁ ଦଳକୁ ଦିନେ ତାଙ୍କ ବାପା ବେଶ ଯତ୍ନର ସହ ଗଢ଼ି ଥିଲେ ଆଜି ସେ ଦଳ ସେହି ପୁଅଟିକୁ ଆପଣାର କରି କୋଳେଇ ନେଇଛି କେବଳ ସେତିକିନୁହେଁ ଆତ୍ମୀୟତାର ହାତ ଧରି ପାଛୋଟି ନେଇଛି ତାଙ୍କ ପୁରୁଣା ଘରକୁ । ନବୀନ ନିବାସରେ ଅରବିନ୍ଦ ମହାପାତ୍ର ମୁଖ୍ୟମନ୍ତ୍ରୀ ନବୀନ ବାବୁଙ୍କ ପାଦ ଛୁଇଁବାବେଳେ ବେଶ ଆଗ୍ରହ ଆନନ୍ଦ ଓ ଶ୍ରଦ୍ଧାରେ ମୁଖ୍ୟମନ୍ତ୍ରୀ ତାଙ୍କୁ ଆଶୀର୍ବାଦ ଦେଇ କେବଳ ଶୁଭକାମନା ଜଣାଇ ନାହାନ୍ତି ତାଙ୍କ ବାପାଙ୍କୁ ମଧ୍ୟ ଶୁଭେଚ୍ଛା ଜଣାଇଛନ୍ତି ।

ଓଡ଼ିଶା ରାଜନୀତିର ବଡ଼ ରୋଚକ କଥା ହେଉଛି ଏହା ଯେ ବିଜେଡ଼ିରେ ଏବେ ବିଜୟ ମହାପାତ୍ରଙ୍କ ପୁଅଙ୍କ ସହିତ ଅଶୋକ ଦାସ ଓ ନଳିନୀ ମହାନ୍ତିଙ୍କ ପୁଅ ଏହି ତିନିଜଣ ବେଶ ସକ୍ରିୟ । ତେବେ ବିଜୟ ବାବୁ ବିଜେଡ଼ି ଗଢ଼ିବାରେ ମୁଖ୍ୟ ବିନ୍ଧାଣୀ ଭାବେ ପରିଚିତ ଥିବାବେଳେ ଅଶୋକ ବାବୁ ବିଜେଡ଼ିରେ ସାମିଲ ହୋଇନଥିଲେ କିନ୍ତୁ ନଳିନୀ ବାବୁ ବିଜେଡ଼ିରେ ଯୋଗ ଦେଇ



ବାଦଲ ଭୂୟାଁ

ପ୍ରଭାବଶାଳୀ ଦାୟିତ୍ୱରେ ରହି ମଧ୍ୟ ବିଦା ହୋଇଥିଲେ । ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ବିଜୁ ପଟ୍ଟନାୟକଙ୍କ ମନ୍ତ୍ରୀମଣ୍ଡଳରେ ପ୍ରଭାବଶାଳୀ ମନ୍ତ୍ରୀ ଭାବେ ବିଜୟ ବାବୁ ଓ ନଳିନୀ ବାବୁ କାର୍ଯ୍ୟ କରିଥିଲେ କିନ୍ତୁ ବିଜୁ ପଟ୍ଟନାୟକଙ୍କ ଦେହାନ୍ତ ପରେ ଗଠିତ ବିଜେଡ଼ିରେ ଯୋଗ ଦେବା ପାଇଁ ଅଶୋକ ଦାସ ମୂଳ ଜନତା ଦଳ ଛାଡ଼ି ନଥିଲେ । ଜାତୀୟ ସ୍ତରରେ ଜନତା ଦଳ ବିଭାଜିତ ହୋଇ ସଂଯୁକ୍ତ ଜନତା ଦଳ ବା ଜନତା ଦଳ (ୟୁ), ରାଷ୍ଟ୍ରୀୟ ଜନତା ଦଳ ବା ଆରଜେଡ଼ି ଓ ଧର୍ମନିରପେକ୍ଷ ଜନତା ଦଳ ବା ଜେଡ଼ିଏସ ଗଠନ ହୋଇଥିଲା । ନଳିନୀ ମହାନ୍ତି ବିଜେଡ଼ି ଗଠନ ବେଳେ ଥିଲେ କିନ୍ତୁ ପରେ ମନ୍ତ୍ରୀ ମଣ୍ଡଳରୁ ବରଖାସ୍ତ ହୋଇଥିଲେ । ତେବେ ବିଜୟ ବାବୁଙ୍କ ପୁଅ ଅରବିନ୍ଦ ବିଜେଡ଼ିରେ ଯୋଗ ଦେବା ହେଉଛି ରାଜନୀତିରେ ତାଙ୍କର ପ୍ରଥମ ପ୍ରବେଶ । ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ତାଙ୍କୁ ବିଜେଡ଼ି ପାଇଁ ସ୍ୱାଗତ କରିବା ସହ କହିଥିଲେ 'ମୋର ସମସ୍ତ ଆଶୀର୍ବାଦ ତୁମ ପ୍ରତି ରହିଛି' କେନ୍ଦ୍ରାପଡ଼ା ଜିଲ୍ଲାର ବିକାଶ ପାଇଁ କାର୍ଯ୍ୟ କରିବ । ମୁଁ ଆପଣ ମାନଙ୍କୁ ସମସ୍ତଙ୍କୁ ବିଜୁ ପରିବାରକୁ ସ୍ୱାଗତ କରୁଛି । ତେବେ ଅରବିନ୍ଦ ବାବୁଙ୍କ ରାଜନୀତିରେ ପ୍ରବେଶ ପରେ କେନ୍ଦ୍ରାପଡ଼ା ରାଜନୀତି ସରଗରମ ହୋଇଛି । ଦଳ ତାଙ୍କୁ ଯେଉଁ ସିଟରୁ ଲଢ଼ାଇଲେ ବି ତାଙ୍କ ବିଜୟ ନିଶ୍ଚିନ୍ତ । କାରଣ ଓଡ଼ିଶାରେ ବିଜେଡ଼ି ଯେଉଁପରି ଦଳକୁ ଶକ୍ତିଶାଳୀ ଓ ମଜଭୁତ କରିଛି ଏ କ୍ଷେତ୍ରରେ ନବୀନ ବାବୁଙ୍କ ବ୍ୟକ୍ତିତ୍ୱର ଆଧାର ଯାହା ଓ ୫ଟିର ବିକାଶ ଏହାସହ ବିଜୟ ମହାପାତ୍ରଙ୍କର ମଧ୍ୟ ବ୍ୟକ୍ତିଗତ ପ୍ରଭାବ ରହିଛି । ଏସବୁ ମିଶିଲେ କେନ୍ଦ୍ରାପଡ଼ା ରାଜନୀତିରେ ଅରବିନ୍ଦ ମହାପାତ୍ରଙ୍କ ବିଜୟ ନିଶ୍ଚିନ୍ତ କହିଲେ ଅତ୍ୟୁକ୍ତି ହେବନାହିଁ । ଓଡ଼ିଶାରେ ବିଶେଷକରି ଉପକୂଳବର୍ତ୍ତୀ ଜିଲ୍ଲା ଭିତରୁ କେନ୍ଦ୍ରାପଡ଼ାରେ ବିଜେଡ଼ି ଅତ୍ୟନ୍ତ ଶକ୍ତିଶାଳୀ ହୋଇଛି । ବିଶେଷକରି କିମ୍ବଦନ୍ତୀ ରାଜନେତା ବିଜୁ ବାବୁଙ୍କ ପ୍ରିୟ ନିର୍ବାଚନ ମଣ୍ଡଳୀ ଭାବେ ସମଗ୍ର କେନ୍ଦ୍ରାପଡ଼ା ପରିଚିତ । ତେଣୁ ବିଜୁ ବାବୁଙ୍କ ଏହି ସ୍ୱପ୍ନର କ୍ଷେତ୍ରରୁ ବିଜୟ ବାବୁଙ୍କ ପୁଅ ଅରବିନ୍ଦ ମହାପାତ୍ରଙ୍କ ବିଜୟ ଆଦୌ କଷ୍ଟକର ନୁହଁ । ରାଜନୀତିରେ ବଡ଼ ବଡ଼ କିମ୍ବଦନ୍ତୀ ବ୍ୟକ୍ତିତ୍ୱ ତଥା ରାଜନେତାଙ୍କ ପୁଅ ରାଜନୀତିରେ ବେଶ ସଫଳ ହେଉଛନ୍ତି । ତେଣୁ ନୂଆ ଚେହେରା ଅରବିନ୍ଦ ମହାପାତ୍ର ରାଜନୀତିରେ ସଫଳ ହୁଅନ୍ତୁ ଆଉ ତାଙ୍କ ବାପାଙ୍କ ପରି ଜଣେ ଅନୁଭବୀ ଓ ସୁଦକ୍ଷ ରାଜନେତା ଭାବେ ଓଡ଼ିଶାବାସୀଙ୍କ ସେବାରେ ନିଜକୁ ନିୟୋଜିତ କରି ସଫଳ ହୁଅନ୍ତୁ ଏହି ଶୁଭକାମନା ଆମେ ଜଣାଉଛୁ ।

*୪ଜି, ପ୍ରତାପ ଆପାର୍ଟମେଣ୍ଟ,*
*୭ଏକ୍ସଟେନସନ ରୋଡ଼, ପୁରୁଣା ସୋନାରି,*
*ଜାମସେଦପୁର, ଝାଡ଼ଖଣ୍ଡ,*
*ଦୂରଭାଷ : ୯୨୦୪୬୫୨୦୬୫*

# ପାଣିରେ ପୂରିଛି କ୍ଷୀର ପୋଖରୀ !

ଆପଣମାନେ, ମୁଁ, ଆମେ ସମସ୍ତେ ବେଶ୍ ଭଲଭାବରେ ଜାଣିଥିବା ଏହି ଗପଟିରୁ ପ୍ରସଙ୍ଗ ଆରମ୍ଭ କରିବା । ସମସ୍ତେ ଏହାକୁ ପିଲାଦିନେ କେବେ ନା କେବେ କାହାରି ନା କାହାରିଠାରୁ ଶୁଣିଥିବେ । "ଥରେ ରାଜା ଏକ ପୋଖରୀ ଖୋଳିବାକୁ ମନ କଲେ । ପୂରାପୂରି କ୍ଷୀରର ପୋଖରୀ । ଏହାର ସ୍ୱାତନ୍ତ୍ର୍ୟ ହେଲା, ଏଥିରେ ପାଣି ବଦଳରେ କ୍ଷୀର ରହିବ । ଯେଉଁଥିରେ ରାଜଉଆସରେ ଥିବା ରାଣୀହଂସପୁରର ଲଳନାମାନେ ଶରୀର ପଖାଳିବେ । ରାଜାଙ୍କ ଆଦେଶ ଶିରୋଧାର୍ଯ୍ୟ । ଆଦେଶ ଆସିବା ମାତ୍ରକେ ଦିନ କେଇଟାରେ ଖୋଳା ହୋଇଗଲା ପୋଖରୀ । ପଥରରେ ସମ୍ପୂର୍ଣ୍ଣ ନିବୁଜ କରି ଦିଆଗଲା । ଏହା ଏକ ବିରାଟକାୟ କୁଣ୍ଡ ଭଳି ପ୍ରତୀୟମାନ ହେଲା । ଏବେ ଏହାକୁ କ୍ଷୀରରେ ପରିପୂର୍ଣ୍ଣ କରିବା କଥା । ରାଜା ରାଇଜ ଯାକର ସମସ୍ତଙ୍କୁ ନିର୍ଦ୍ଦେଶ ଦେଲେ ଆସନ୍ତାକାଲି ରାତି ନ ପାହୁଣୁ ଯେଭଳି ପ୍ରତ୍ୟେକ ଘରପିଛା ଏକ ଘଡ଼ି (ବା କଳସୀ) ଖାଣ୍ଟି ଗୋମାତାର କ୍ଷୀର ଯେଭଳି ସମସ୍ତେ ଆଣି ଉପରୋକ୍ତ ପୋଖରୀରେ ଢାଳନ୍ତି । ରାଜାଆଜ୍ଞା,ଏଡ଼ିବାକୁ କାହାର ବା ଶକ୍ତି ଅଛି ! ରାତିରେ ସମସ୍ତେ ନିଶ୍ଚିନ୍ତରେ ଶୋଇଲେ । ତେବେ ଜାଗୁଲୁ ଜାଗୁଲୁ ଅନ୍ଧାରରୁ ନିଦ ଭାଙ୍ଗିବା ପରେ ସମସ୍ତଙ୍କ ମନକୁ ପାପ ଛୁଇଁଲା । ସମସ୍ତେ ଭାବିଲେ, ସମସ୍ତେ ତ କ୍ଷୀର ଘଡ଼ିଏ ଲେଖାଏଁ ଢାଳି ଦେବେ । ମୁଁ ଏକୁଟିଆଟା କ୍ଷୀର ନ ଢାଳି ପାଣି ଢାଳିଦେଲେ କିଏ ବା ଜାଣୁଛି ! ବାସ୍, ତମାମ ରାଜ୍ୟବାସୀଙ୍କ ମନରେ ଏ ଚିନ୍ତା ଆସିବାର ପରିଣତି ହେଲା, ସକାଳେ ରାଜା ନିଜର ନୂତନ ଉଦ୍ଭାବନ 'କ୍ଷୀରସାଗର'କୁ ଦେଖିବାକୁ ଅତ୍ୟନ୍ତ ଉତ୍ସୁକତାର ସହ ଯାଇ ଏକ ସାଧାରଣ ଜଳର ପୋଖରୀ ଦେଖିଲେ । ଅବଶ୍ୟ ଏହାପରେ ରାଜା କାହାକୁ ଦଣ୍ଡିଲେ, ସେ କଥା ଗପରେ ଉଲ୍ଲେଖ ନାହିଁ ।" କାହିଁକି ଏ ପ୍ରସଙ୍ଗର ଅବତାରଣା, ସେକଥା ପରେ ଆଲୋଚନା କରିବା ।

୧୯୯୮ ମସିହା ପୂର୍ବରୁ 'ହିଟ୍ ୱେଭ୍' ବା ଗ୍ରୀଷ୍ମ ଲହରୀ ବିଷୟରେ ଆମ ପିଢ଼ିର ଲୋକେ ଜାଣି ନ ଥିଲୁ । ଆମ ପୂର୍ବବର୍ତ୍ତୀ ପିଢ଼ି ମଧ୍ୟ ହୁଏତ ଏ ସମ୍ପର୍କରେ ଥିଲେ ଅଜ୍ଞାତ । ତେବେ ହଠାତ୍ ଯେତେବେଳେ ଅଂଶୁଘାତର ସଂଘାତ ସାରା ଦେଶକୁ ତାବଦା କରିଦେଲା, ତମାମ ଦେଶର ଅଙ୍କ ବିଗିଡ଼ି ଗଲା । କେବଳ ଓଡ଼ିଶାରେ ପ୍ରାୟ ଅଢେଇ ହଜାର ଲୋକଙ୍କ ପ୍ରାଣହାନୀ ଘଟିଲା । ଓଡ଼ିଶାପ୍ରଥମ କରି ଅଂଶୁଘାତଜନିତ ମୃତ୍ୟୁ ଦେଖିଲା । ରାଜ୍ୟରେ ଏହି ଧରଣର ମୃତ୍ୟୁ ପ୍ରଥମଥର ପାଇଁ ହୋଇଥିବା ବେଳେ ଏହାର ସଂଖ୍ୟା ସମସ୍ତଙ୍କୁ ଚମକାଇ ଦେଇଥିଲା । ଏହା ପୂର୍ବରୁ ଯେ ଖରା ତାତିରେ କାହାରି ମୃତ୍ୟୁ ହୋଇ ନ ଥିଲା, ଏପରି ନୁହେଁ । ତେବେ ଏଥିରେ ଏକାଦିକ୍ରମେ ସହସ୍ରାଧିକ ଲୋକଙ୍କର ମୃତ୍ୟୁ ହେବା ବୋଧହୁଏ ତାହା ଥିଲା ପ୍ରଥମ । ତାତିରେ ମଧ୍ୟ ସେହିବର୍ଷ ଓଡ଼ିଶା ସର୍ବଭାରତୀୟ ସ୍ତରରେ ରେକର୍ଡ କରିଥିଲା । ଏପରିକି ଏକଦା ରାଜ୍ୟର କେତେକ ଅଞ୍ଚଳରେ ତାପମାତ୍ରା ୪୯ ଡିଗ୍ରୀ ଟପିଥିଲା । ଟିଟିଲାଗଡ଼ରେ ଖରାତାତି ଅତ୍ୟନ୍ତ ଅସମ୍ଭାଳ ହୋଇଥିଲା । ଏପରିକି ଗଛରେ ବସିଥିବା ଚଢେଇ ମଧ୍ୟ ଖରାତାତି ସହ୍ୟ କରି ନ ପାରି ତଳେ ଖସି ପଡୁଥିଲେ । ଗଣମାଧ୍ୟମରେ ଏକାଧିକବାର ଏ ସମ୍ପର୍କରେ ଖବର ପ୍ରକାଶ ପାଇଥିଲା ।ସେବେଠାରୁ ଗାଁ ଗାଁରେ, ପ୍ରତି ପଞ୍ଚାୟତରେ ସରକାରୀ ଖର୍ଚ୍ଚରେ ମାର୍ଚ୍ଚ ମାସଠାରୁ ଜୁନ୍ ପର୍ଯ୍ୟନ୍ତ ଜଳଛତ୍ର ଖୋଲିବା ବ୍ୟବସ୍ଥା ହେଲା । ମାଟି ହାଣ୍ଡିରେ ଥିବା ଥଣ୍ଡା ଜଳ ପିଇ ପଥଚାରୀ ତୃଷା ନିବାରଣ କଲେ । ସେହିବର୍ଷ ଓଡ଼ିଶାରେ ହୋଇଥିବା ଅଂଶୁଘାତମୃତ୍ୟୁକୁ ଦେଖି ପ୍ରତିକାର ସ୍ୱରୂପ ପରବର୍ତ୍ତୀ ବର୍ଷଠାରୁ ରାଜ୍ୟ ସରକାର ଟାଣ ଖରାରେ ପରିଶ୍ରମ କରିବା ନିଷିଦ୍ଧ କଲେ । ଏହି କଟକଣା ପୂର୍ବାହ୍ନ ସାଢେ ୧୧ଟା ପରଠାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ବଳବତ୍ତର ରହିଲା । ମନରେଗା ଶ୍ରମିକମାନଙ୍କ ପାଇଁ ସକାଳୁ ସାଢେ ୧୧ଟା ପର୍ଯ୍ୟନ୍ତ କାମ କରିବାକୁ ନିର୍ଦ୍ଦେଶ ଥିଲା । ଏହାର ପରବର୍ତ୍ତୀ ବର୍ଷମାନଙ୍କରେ ଖରା କ୍ରମେ ଅଧିକ ହେବାରୁ କାର୍ଯ୍ୟ କରିବାକୁ ଥିବା ସମୟକୁ ଅଧିକ କୋହଳ କରାଗଲା । ଦିନ ସାଢେ ଏଗାରଟା କମି କମି ଏଗାର ଏବଂ ସ୍ଥଳ ବିଶେଷରେ ସାଢେ ଦଶଟାକୁ ଖସିଥିବା ବେଳେ ଅପରାହ୍ନ ତିନିଟା ଏବେ ସାଢେ ତିନିଟା ଏବଂ ସ୍ଥଳ ବିଶେଷରେ ଚାରି କିମ୍ବା ସାଢେ ଚାରିଟାରେ ପହଞ୍ଚିଛି ।ରାଜଧାନୀ ଭୁବନେଶ୍ୱରର ବିଭିନ୍ନ ଛକ ସ୍ଥାନମାନଙ୍କରେ ଥିବା ବହୁ ଝଙ୍କାଳିଆ ଗଛ କ୍ରମେ



ହିତାଂଶୁ ଶେଖର ମହାନ୍ତ

ଉନ୍ନତିକରଣର ଆଁ'ରେ ବିଲୀନ ହୋଇଗଲା । ରାଜଧାନୀରେ ବାସ କରୁଥିବା ଆପଣମାନଙ୍କ ମଧ୍ୟରୁ ଅନେକଙ୍କର ସ୍ପଷ୍ଟ ଭାବରେ ମନେ ଥିବ, ରାମମନ୍ଦିର ପଟୁ ବାଣୀବିହାର ଆସୁଥିବା ରାସ୍ତାରେ ବର୍ତ୍ତମାନର ଡିସିପି କାର୍ଯ୍ୟାଳୟ ନିକଟରେ ଏକ ବିରାଟ ଝଙ୍କାଳିଆ ଜାମୁଗଛ ଥିଲା । ଏହାର ସୁମଧୁର ମିଠା କୋଳି (ଦୁଃଖର କଥା, ସେସବୁ କାହା ଉଦରକୁ ଯିବା ପରିବର୍ତ୍ତେ ? ବିଭିନ୍ନ ଯାନବାହନର ଚକାତଳେ ଜୀବନ ହାରୁଥିଲା !) ଏବଂ ସୁଶୀତଳ ଛାୟାର ଆନନ୍ଦ ଯିଏ ଉଠାଇଥିଲେ. ସେମାନେ ଆଜି ବି ତାର ମୃତ୍ୟୁର ପ୍ରାୟ ଷୋହଳ ବର୍ଷ ପରେ ମଧ୍ୟ ତାକୁ ଝୁରୁଛନ୍ତି । ଏମିତି ଏମିତି ସାରା ରାଜଧାନୀକୁ ସୁଶୀତଳ ଛାୟା ପ୍ରଦାନ କରୁଥିବା ବୃକ୍ଷଗୁଡ଼ିକ (ଯେଉଁମାନେ ୧୯୯୯ ମହାବାତ୍ୟାକୁ ମଧ୍ୟ ପିଠି କରି ସଦର୍ପ ? ଦଣ୍ଡାୟମାନ ଥିଲେ) ଅଚିରେ ଭୂପତିତ ହେଲେ । ଏହା ଖାଲି ରାଜଧାନୀ ଭୁବନେଶ୍ୱରର କାହାଣୀ ନୁହେଁ, ଏ କାହାଣୀ ଓଡ଼ିଶାର ଉପାନ୍ତ ଅଞ୍ଚଳଗୁଡ଼ିକର ମଧ୍ୟ । ସବୁ ସ୍ଥାନରେ ଗଛକଟାର ସତେଯେମିତି ପ୍ରତିଯୋଗିତା ଚାଲିଥିଲା । ଏହାର ଜବାବରେ ସରକାରୀ ଭାବରେ ବନ ବିଭାଗ ଓ ଅନ୍ୟାନ୍ୟ ବିଭାଗ ପକ୍ଷରୁ ମଧ୍ୟ ବୃକ୍ଷରୋପଣ ଓ ବନୀକରଣ ନେଇ ପ୍ରତିଦ୍ୱନ୍ଦ୍ୱିତା ଚାଲିଲା । କିଏ କେତେ ଗଛ ଲଗାଇବେ (ଅବଶ୍ୟ କେଉଁଠି, ସେକଥା କହିପାରିବିନି !) ସେ ନେଇ ତୀବ୍ର ପ୍ରତିଯୋଗିତା ହେଲା । କିଏ ପାଞ୍ଚ ହଜାର ତ କିଏ ଦଶ ହଜାର କିଏ ପୁଣି ଲକ୍ଷାଧିକ ବୃକ୍ଷରୋପଣ କରି ରେକର୍ଡ ପରେ ରେକର୍ଡ କଲେ । ଗଣମାଧ୍ୟମରେ ଏସବୁ ଖବର ପୃଷ୍ଠା ମଣ୍ଡନ କଲା । ତେବେ ଗୋଟିଏ କଥା ବୁଝି ହେଲା ନାହିଁ, ଏତେ ଗଛ ଲଗାଇବା ପରେ ମଧ୍ୟ ଖରାଦିନ ଆସିଲେ କାହିଁକି ରାଜଧାନୀ ସମେତ ସାରା ରାଜ୍ୟ ତତଲା କଡ଼ ?ଇରେ ଟକମକ ହୋଇ ଫୁଟେ । କାହିଁକି ପ୍ରତିବର୍ଷ ନିର୍ଦ୍ଧାରିତ ସମୟ ପୂର୍ବରୁ ଶିକ୍ଷାନୁଷ୍ଠାଗୁଡ଼ିକରେ ଗ୍ରୀଷ୍ମଛୁଟି ହୁଏ ! ଏହାର କାରଣ ଖୋଜିବାକୁ ଆମକୁ ବହୁ ଗୋଲକଧନ୍ଦାରେ ପଶି ଧନ୍ଦି ହେବାକୁ ପଡ଼ିବନାହିଁ । ସମସ୍ତେ ଜାଣନ୍ତି ଜଙ୍ଗଲ ଅବକ୍ଷୟ ଓ ବୃକ୍ଷରୋପଣରେ ଉଦାସୀନତା ହିଁ ଏହାର କାରଣ । ଆମେ ଆଲେଖ୍ୟର ଆରମ୍ଭରୁ ଅବତାରଣା କରିଥିବା ଗପ ସହ ଆମମାନଙ୍କ ମାନସିକତାକୁ ଯୋଡ଼ି ଦେଖିଲେ ଆମେ ସେହି କଳ୍ପିତ ରାଜ୍ୟବାସୀଙ୍କଠାରୁ କୌଣସି ଗୁଣରେ ଭିନ୍ନ ନୋହୁଁ । ଆମେ ଭାବୁଛୁ, ସରକାର, ପ୍ରଶାସନ, ବନ ବିଭାଗ ସମସ୍ତେ ତ ଗଛ ଲଗାଉଛନ୍ତି, ତେଣୁ କେଉଁଠି କେମିତି ସୁଯୋଗଟିଏ ପାଇଲେ ଗଛଟିମାନ କାଟି ନେବାକୁ ଆମ ହାତ ଥରି ଉଠୁନାହିଁ । ପ୍ରକାରାନ୍ତରେ ବୃକ୍ଷରୋପଣ ପାଇଁ ଯେତେ କେଞ୍ଚିଲେ ମଧ୍ୟ 'ଅନ୍ୟମାନେ ତ ଲଗାଉଥିବେ' ଭାବିଆମେମାନେ ଚୁପ୍ ହୋଇ ବସିପଡୁ । ନିଜଘରେ ବାତାନୁକୁଳିତ ଯନ୍ତ୍ର ଲଗାଇ 'ଓଃ ଏବର୍ଷ କି ଗରମ'ରେ ସୀମିତ ରହିଯାଏ ବାକି ମାନଙ୍କ ପ୍ରତି ଆମର ସହାନୁଭୂତି । ତଥ୍ୟ କହୁଛି, ରାଜ୍ୟ ୨୦୨୩ ବର୍ଷରେ ୧୧.୫ କିଲୋ ହେକ୍ଟର ପ୍ରାକୃତିକ ଜଙ୍ଗଲ ହରାଇଛି, ଯାହା ୨୦୧୦ ପରଠାରୁ ସର୍ବାଧିକ । ସେହିବର୍ଷ ୧.୮୫ ମିଲିୟନ ହେକ୍ଟର (ମୋଟ ଜଙ୍ଗଲର ୧୨ ପ୍ରତିଶତ) ଜଙ୍ଗଲ ହରାଇଥିଲା ରାଜ୍ୟ । ୨୦୦୧ ମସିହା ପରଠାରୁ ଜଙ୍ଗଲ କ୍ଷୟର ଆଲୋଡ଼ା ରେକର୍ଡରେ ସ୍ଥାନ ପାଇଥିବା ରାଜ୍ୟର ଶ୍ରେଷ୍ଠତିନି ଜିଲ୍ଲା ହେଲେ କନ୍ଧମାଳ. ଜଗତସିଂହପୁର ଓ ଭଦ୍ରକ । ଏସବୁ ଅଞ୍ଚଳରେ ୬୨ ପ୍ରତିଶତ ପର୍ଯ୍ୟନ୍ତ ଜଙ୍ଗଲ ଅବକ୍ଷୟ ଘଟିଛି । ୪୪.୪ କିଲୋ ହେକ୍ଟର ଜଙ୍ଗଲ ଅବକ୍ଷୟ ସହ ତାଲିକାର ସର୍ବ ?ଗ୍ରେ ରହିଛି କନ୍ଧମାଳ । ଆହୁରି ମଧ୍ୟ ଜଣାପଡ଼ିଛି ଯେ, ୧୯୯୦ ପରଠାରୁ ଓଡ଼ିଶାରେ ସବୁଜ ବନାନୀର ଆବରଣ ୨୨.୮୮ ପ୍ରତିଶତ ହ୍ରାସ ପାଇଛି, ଯେଉଁଥିରୁ ୧୯୯୦ରୁ ୨୦୦୦ ମସିହା ଭିତରେ ୨୫.୬ ପ୍ରତିଶତ, ୨୦୦୦ରୁ ୨୦୧୦ ମଧ୍ୟରେ ୩.୪୪ ପ୍ରତିଶତ ଓ ୨୦୧୦ରୁ ୨୦୨୨ ମସିହା ମଧ୍ୟରେ ଏହାର ପରିମାଣ ରହିଛି ୦.୧୯ ପ୍ରତିଶତ । ଗୋଟିଏ ପକ୍ଷରେ ଆଖିବୁଜା ଜଙ୍ଗଲକାଟ ଜନଜୀବନକୁ ହନ୍ତସନ୍ତ କରୁଥିବା ବେଳେ ଏହି ତଥ୍ୟ ସାମାନ୍ୟ ଆଶ୍ୱସ୍ତି ଆଣିଦେଇଛି ।'ଭାରତୀୟ ବନ ସର୍ବ ?କ୍ଷଣ' (ଏଫ୍ଏସ୍ଆଇ) ସଂସ୍ଥାର ସର୍ଭେ ? ଅନୁଯାୟୀ, ୨୦୧୭ରୁ ୨୦୧୯ ମସିହା ମଧ୍ୟରେ ୨୭୪ ବର୍ଗ କିଲୋମିଟର ଜଙ୍ଗଲ ବୃଦ୍ଧି ପାଇଛି । ଏଥିସହ ଏଫ୍ଏସ୍ଆଇ ଏକଥା ବି କହିଛି ଯେ, ୨୦୧୦ରୁ ୨୦୨୧ ମଧ୍ୟରେ ରାଜ୍ୟର ୧ କୋଟି ୮୫ ଲକ୍ଷ ୭୪୮ଟି ବୃକ୍ଷକୁ ରାସ୍ତା ସମ୍ପ୍ରସାରଣ ପାଇଁ ସହିଦ ହେବାକୁ ପଡ଼ିଛି । ବଦଳରେ ଲଗାଯାଇଥିବା ବୃକ୍ଷଗୁଡ଼ିକର ସଂଖ୍ୟା ହେଉଛି ୨୯ ଲକ୍ଷ ୮୩ ହଜାର ୫୭୩ । ଅର୍ଥାତ୍ ଆଜିମଧ୍ୟ ଆମେ ଭାବୁଛୁ, ଆଉ କେହି ଆସି ପୋଖରୀରେ କ୍ଷୀର ଢାଳି ଦେଇଯିବ । ଆଉ କେହି ଆସି ଆମପାଇଁ ଗଛ ଲଗାଇ ବନୀକରଣ କରିବ । ଏ ପ୍ରକାର ମାନସିକତା ନ ବଦଳିଲେ ଏ ପ୍ରଚଣ୍ଡ ତାତିରୁ ତ୍ରାହି କାହିଁ ! ଏଣେ ଖରାରେ ସନ୍ତୁଳି ହେଉଥିବା ବେଳେ ତେଣେ ଗଛକଟାର ଏ ନଗ୍ନ ପ୍ରତିଯୋଗିତାର ଅନ୍ତ କ'ଣ ସତରେ ସମ୍ଭବ ?

*(ଦୂରଭାଷ- ୯୪୩୭୮୭୨୯୦୪)*




# ଆଇଜିଏଚ୍ ସୁପର ସ୍ପେସିଆଲିଟି ହସ୍ପିଟାଲର ଘରୋଇକରଣ ନିଷ୍ପତ୍ତିକୁ କଂଗ୍ରେସର ବିରୋଧ

ରାଉରକେଲା (ପିଏନ୍): ରାଉରକେଲା ଆଇଜିଏଚ୍ ସୁପର ସ୍ପେସିଆଲିଟି ହସ୍ପିଟାଲର ଘରୋଇକରଣ ନିଷ୍ପତ୍ତିକୁ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ତୀବ୍ର ବିରୋଧ କରାଯାଇଛି । ଏହି ନିଷ୍ପତ୍ତି ପ୍ରତ୍ୟାହାର ନ ହେଲେ ଆଗାମୀ ଦିନରେ ବ୍ୟାପକ ଜନଆନ୍ଦୋଳନ ସୃଷ୍ଟି କରାଯିବ ବୋଲି କଂଗ୍ରେସ ତରଫରୁ ଚେତାବନୀ ଦିଆଯାଇଛି । ଗତ ତାରିଖରେ ରାଉରକେଲା ଜିଲ୍ଲା କଂଗ୍ରେସ ତରଫରୁ ସେଲ୍ କର୍ତ୍ତୃପକ୍ଷଙ୍କ ଏହି ଘରୋଇକରଣ ନିଷ୍ପତ୍ତି ବିରୋଧରେ ଏକ ପ୍ରତିବାଦ ଧାରଣା ଓ ବିକ୍ଷୋଭ କାର୍ଯ୍ୟକ୍ରମ ସେକ୍ଟର-୧୯ ଆମ୍ବାଗାନ ଛକଠାରେ ଅନୁଷ୍ଠିତ ହୋଇଥିଲା । ଜିଲ୍ଲା କଂଗ୍ରେସର ଭାରପ୍ରାପ୍ତ ସଭାପତି ଦେବବ୍ରତ ବିହାରୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ପ୍ରତିବାଦ ବିକ୍ଷୋଭ କାର୍ଯ୍ୟକ୍ରମକୁ ରଘୁନାଥପାଲ୍ଲୀର ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ପ୍ରଶାନ୍ତ ସେଠୀ ପରିଚାଳନା କରିଥିଲେ । ଏହି ଅବସରରେ ଅନୁଷ୍ଠିତ ବିକ୍ଷୋଭ ସଭାରେ ଜିଲ୍ଲା କଂଗ୍ରେସର ପୂର୍ବତନ ସଭାପତି ତଥା ପ୍ରାକ୍ତନ ବିଧାୟକ ପ୍ରାର୍ଥୀ ବିରେନ ସେନାପତି, ଉପସଭାପତି ସନ୍ତୋଷ ବିଶ୍ୱାଳ ଓ କୀର୍ତ୍ତନ ଦାସ, ପିସିସି ସଭ୍ୟ ରାମାନନ୍ଦ ଶ୍ରୀଚନ୍ଦନ, ଏଆଇସିସି ସହଯୋଗୀ ସଦସ୍ୟ ରାଜକୁମାର ଯାଦବ, ପିସିସିର ପୂର୍ବତନ ସମ୍ପାଦକ ରଶ୍ମିରଂଜନ ପାଢୀ, ମହିଳା କଂଗ୍ରେସ ସଭାନେତ୍ରୀ ନିରୂପମା ବଳିୟାର ସିଂହ, ଜିଲ୍ଲା କଂଗ୍ରେସ ସାଧାରଣ ସମ୍ପାଦକ ସରୋଜ ଲେଙ୍କା, ବରିଷ୍ଠ ନେତା ଇନ୍ଦ୍ରମୋହନ ପଣ୍ଡା, କାର୍ଯ୍ୟନିର୍ବାହୀ ସଦସ୍ୟ ସାହିର ହୁସେନ ଓ ଭାସ୍କର ଖିଲ୍ଲାର, ବ୍ଲକ୍ କଂଗ୍ରେସ ସଭାପତି ପ୍ରଦ୍ୟୁମ୍ନ ଷଡଙ୍ଗୀ ପ୍ରମୁଖ ବକ୍ତବ୍ୟ ରଖି କେନ୍ଦ୍ରର ବିଜେପି ସରକାର ଆଇଜିଏଚ୍ ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍ପିଟାଲ ପାଇଁ ଘୋଷଣା କରି କେବଳ ସୁପଲ ସ୍ପେସିଆଲିଟି ହସ୍ପିଟାଲ କରିବା ରାଉରକେଲାବାସୀଙ୍କ ପ୍ରତି ଏକ ଶକ୍ତ ପ୍ରତାରଣା ଥିଲା ବୋଲି କହିଥିଲେ । ପରବର୍ତ୍ତୀ ସମୟରେ ପିଜି ମେଡିକାଲ କଲେଜ ଓ ସୁପର ସ୍ପେସିଆଲିଟି ହସ୍ପିଟାଲ ପାଇଁ ପ୍ରତିଶ୍ରୁତି ଦେଇ କେବଳ ଆଇଜିଏଚ୍ ପରିସରରେ ସୁପର ସ୍ପେସିଆଲିଟି ହସ୍ପିଟାଲ ପ୍ରତିଷ୍ଠା କରିଥିଲେ । ଏହି ସୁପର ସ୍ପେସିଆଲିଟି ହସ୍ପିଟାଲ ପ୍ରାୟ ଦେଢବର୍ଷ ପୂର୍ବରୁ ଉଦ୍‌ଘାଟିତ ହୋଇଥିଲେହେଁ ଅଦ୍ୟାବଧି ତାହା ସଠିକ୍ ଭାବେ କାର୍ଯ୍ୟକ୍ଷମ ହୋଇପାରି ନାହିଁ । ପରନ୍ତୁ ଏହି ହସ୍ପିଟାଲକୁ ଏବେ ଘରୋଇ ସଂସ୍ଥା ହାତରେ ଟେକି ଦେବାକୁ ନିଷ୍ପତ୍ତି ନିଆଯାଇ ଆପୋଲୋ ସଂସ୍ଥାକୁ ଏଥିପାଇଁ ମନୋନୀତ କରାଯାଇଥିବାର କୁହାଯାଉଛି ଯାହାକି ରାଉରକେଲାବାସୀଙ୍କ ପାଇଁ ଆଉ ଏକ ଶକ୍ତ ପ୍ରତାରଣା ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । କାରଣ ଘରୋଇ ସଂସ୍ଥା ହାତକୁ ଏହି ହସ୍ପିଟାଲ ଚାଲିଗଲା ପରେ ସାଧାରଣ ବର୍ଗର ରୋଗୀମାନେ କେବଳ ଶୋଷିତ ହେବା ସାର ହେବ ବୋଲି ନେତୃବୃନ୍ଦ ଅଭିଯୋଗ କରି ସେଲ୍ କର୍ତ୍ତୃପକ୍ଷ ଏହି ନିଷ୍ପତ୍ତିରୁ ବିରତ ରହିବା ପାଇଁ ଦାବି କରିଥିଲେ । ତେବେ ସେଲ୍ କର୍ତ୍ତୃପକ୍ଷ ରାଉରକେଲା ତଥା ସୁନ୍ଦରଗଡ ଜିଲ୍ଲାବାସୀଙ୍କ ସ୍ୱାର୍ଥକୁ ଅଣଦେଖା କରି ଏ ପ୍ରକାର ଜନବିରୋଧୀ ନିଷ୍ପତ୍ତି ନେଇଥିବା ବେଳେ ଶାସକ ବିଜେଡିର ରଘୁନାଥପାଲ୍ଲୀ ଓ ରାଉରକେଲା ବିଧାୟକ ନୀରବ ରହି ଏହାକୁ ସମର୍ଥନ ଦେବା ଘଟଣାକୁ ନେତୃବୃନ୍ଦ ତୀବ୍ର ନିନ୍ଦା କରିଥିଲେ । ଶାସକ ବିଜେଡିର ଦୁଇ ବିଧାୟକ ସେଲ୍ କର୍ତ୍ତୃପକ୍ଷଙ୍କ ଏହି ଘରୋଇକରଣ ନିଷ୍ପତ୍ତିକୁ ଅବିଳମ୍ବେ ବିରୋଧ କରିବା ପାଇଁ ବକ୍ତାମାନେ ଆହ୍ୱାନ ଦେବା ସହିତ ଅନ୍ୟଥା ଆଗାମୀ ଦିନରେ ରଘୁନାଥପାଲ୍ଲୀ ଓ ରାଉରକେଲାବାସୀ ଏହି ଦୁଇ ବିଧାୟକଙ୍କୁ କ୍ଷମା ଦେବେନାହିଁ ବୋଲି କହିଥିଲେ । ଏଥିରେ ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ବିଧାୟକ ପ୍ରଭାତ ମହାପାତ୍ର, ପୂର୍ବତନ ପିସିସି ସମ୍ପାଦକ ଗଣେଶ ପ୍ରଧାନ, ଉପସଭାପତି ଉମେଶ ଶରଣ, ବରିଷ୍ଠ ନେତା ପ୍ରଫୁଲ୍ଲ ପରିଜା, ସୌଭାଗ୍ୟ ସ୍ୱାଇଁ, ବନମାଳୀ ସାହୁ, ଇନ୍‌ଟକ ଅଧ୍ୟକ୍ଷ ନିହାର ଦାସ, ଓବିସି ଅଧ୍ୟକ୍ଷ ବୈଲୋଚନ ସାହୁ, ଏସ୍‌ସି ସେଲ୍ ଅଧ୍ୟକ୍ଷ ବିନୋଦ ତନ୍ତୀ, କାର୍ଯ୍ୟନିର୍ବାହୀ ସଦସ୍ୟ ଦିଲ୍ଲୀପ ଜେନା ଓ ରୁକସାନା ବେଗମ, ସମ୍ପାଦକ ଧର୍ମେନ୍ଦ୍ର ପରମାର, ରବୀନ୍ଦ୍ର ନାୟକ ଓ ସୁନୀଲ ସିଂହ, ବ୍ଲକ୍ ସଭାପତି ବିଜୟ ଆପଟ ଓ ରଘୁନାଥ ଦାସ, ସାମାଜିକ ଗଣମାଧ୍ୟମର ସୁଧୀର ନାଥ, ସେବାଦଳର ବୁଲୁ ଦାସ, ବିଜୟ ପଟ୍ଟନାୟକ, ଝୁନୁ ପଟ୍ଟନାୟକ, ରଘୁନାଥ ପ୍ରଧାନ, ବି.ଏନ୍. ମହାନ୍ତି, ବିଜୟ ବେହେରା, ସୋମନାଥ ପଣ୍ଡା, କୁଅଁରସିଂହ ପିୟୁ, ବନମାଳୀ ବିଶୋୟୀ, ବିକାଶ ସୁନା, ରବି ସିଙ୍କୁ, ବିଶ୍ୱଜିତ ସାହୁ, ବିଶ୍ୱରଂଜନ ରାଉତ, ରେହେମାନ ଖାନ, ଗୋବିନ୍ଦ ଶାହା, ପ୍ରବୋଧ ଜେନା, ଶୁକଦେବ ବଡାଇକ ପ୍ରମୁଖଙ୍କ ସମେତ ଶତାଧିକ ଦଳୀୟ କର୍ମକର୍ତ୍ତା ଓ କର୍ମୀ ଏହି କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ବୋଲି ଦଳ ତରଫରୁ ଏକ ପ୍ରେସ୍ ବିବୃତିରେ କୁହାଯାଇଛି ।

## ଫକିର ମୋହନ ମେଡ଼ିକାଲ କଲେଜ ସ୍ୱାସ୍ଥ୍ୟବିକାଶ ସମିତିର ଚତୁର୍ଥ ବୈଠକ

ବାଲେଶ୍ୱର (ପିଏନ୍)-ଫକିର ମୋହନ ମେଡ଼ିକାଲ କଲେଜ ଓ ହସ୍ପିଟାଲ ସ୍ୱାସ୍ଥ୍ୟ ବିକାଶ ସମିତିର ଚତୁର୍ଥ ବୈଠକ ମେଡ଼ିକାଲ କଲେଜ ପରିସରରେ ଅନୁଷ୍ଠିତ ହୋଇଯାଇଛି । ସମିତିର ଅଧ୍ୟକ୍ଷ ତଥା ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ କଲେଜ ଓ ହସ୍ପିଟାଲ ସହିତ ଅନ୍ୟାନ୍ୟ ସ୍ୱାସ୍ଥ୍ୟସେବା ସଂପର୍କରେ ଆଲୋଚନା କରାଯାଇଥିଲା । କଲେଜକୁ ଲାଗି ପଶ୍ଚିମ ପାଖରେ ନିର୍ମାଣାଧିନ ୬୫୦ ଶଯ୍ୟା ବିଶିଷ୍ଟ ଡ଼ାକ୍ତରଖାନା କାମ ୨୦୨୩ ଜୁଲାଇ ସୁଦ୍ଧା ସାରିବା ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରୋଗୀଙ୍କ ସଂଖ୍ୟା ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ ନିୟନ୍ତ୍ରଣ ଉପରେ ଗୁରୁତ୍ୱ ଦିଆଯାଇଥିଲା । ଜିଲ୍ଲାର ବିଭିନ୍ନ ଡ଼ାକ୍ତରଖାନାରେ ଡ଼ାକ୍ତର ରହୁ ନଥିବା ଏବଂ ଜିଲ୍ଲା ଡ଼ାକ୍ତରଖାନା କେବଳ ରେଫେରାଲ ସେଣ୍ଟର ହୋଇଥିବାରୁ ଉଦ୍‌ବେଗ ପ୍ରକାଶ ପାଇଥିଲା । ରୋଗୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଯିବାବେଳକୁ ତାକୁ ପ୍ରକୃତରେ କେଉଁ ବିଭାଗକୁ ପଠାଯିବ ସେ ନେଇ ଦ୍ୱନ୍ଦ୍ୱ ଉପୁଯିଥିବାରୁ ରୋଗୀ ଓ ବହୁ ସମ୍ପର୍କୀୟ ଅଜାଣତରେ ହଇରାଣ ହେଉଥିବାରୁ ସେଥିପ୍ରତି ଦୃଷ୍ଟିଦେବାକୁ ଆଲୋଚନା ହୋଇଥିଲା । ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ବିଧାୟକ ସ୍ୱରୁପକୁମାର ଦାସ, ଅଶ୍ୱିନ କୁମାର ପାତ୍ର, ଜିଲ୍ଲା ପରିଷଦ ସଭାପତି ନାରାୟଣ ପ୍ରଧାନ, ଜିଲ୍ଲାପଳ କେ ସୁଦର୍ଶନ ଚକ୍ରବର୍ତ୍ତୀ , କଲେଜର ପ୍ରଶାସନିକ ଅଧିକାରୀ ମନୋରମା ଭୂଇଁଆ, ମୁଖ୍ୟ ଚିକିତ୍ସା ଅଧିକାରୀ ଦୁଲାଲ ସେନ୍ ଜଗଦେବ୍ ପ୍ରମୁଖ ଉପସ୍ଥିତ ଥିଲେ ।

## ବିପୁଳ ପରିମାଣର ପୋଚ ଜବତ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କୁଂଜୁରୀ ପଂଚାୟତର ବରପଦା ଗ୍ରାମର ଜଙ୍ଗଲରେ ଦେଶୀ ମଦ ପ୍ରସ୍ତୁତ ହେଉଥିବାର ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଖବର ପାଇ ଚଢାଉ କରିଥିଲେ । ଏଥିରେ ଘଟଣା ସ୍ଥଳରୁ ୭୨ ଶହ ଲିଟର ପୋଚ ଓ ୩୪୦ ଲିଟର ଦେଶୀ ମଦ ସମେତ ବ୍ୟବହୃତ ସାମଗ୍ରୀ ଜବତ କରି ନଷ୍ଟ କରି ଦିଆ ଯାଇଥିବାର ଖୋର୍ଦ୍ଧା ଜିଲ୍ଲା ଅବକାରୀ ବିଭାଗ ଇନିସପେକ୍ଟର ଭୈରବ ସାହୁଙ୍କ ଠାରୁ ସୂଚନା ମିଳିଛି । ଏହି ଚଢାଉରେ ଭ୍ରାମ୍ୟ ମାଣ ଇନିସପେକ୍ଟର ସସ୍ମିତା ହୋତା,ଖୋର୍ଦ୍ଧା ଓଆଇସି ବି ମନୋଜ କୁମାର,ଜଟଣୀ ଓଆଇସି ଗୀତାଞ୍ଜଳୀ ବେହେରା ଓ ବେଗୁନିଆ ଓଆଇସି ବିରଂଚି ନାରାୟଣ ମହାଁଙ୍କ ସମେତ କର୍ମଚାରୀ ମାନେ ଚଢ଼ାଉରେ ସାମିଲ ହୋଇଥିଲେ ।

## ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ

ଖୋର୍ଦ୍ଧା (ପିଏନ)- ଖୋର୍ଦ୍ଧା ସିଭିଲ କୋର୍ଟ ପରିସରରେ ଏକ ଦ୍ୱିତୀୟ ରାଷ୍ଟ୍ରୀୟ ଲୋକଅଦାଲତ ପ୍ରଥମ ଅତିରିକ୍ତ ଜିଲ୍ଲା ଜଜ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ସମର ବିଳାସ ବେହେରାଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ହୋଇଥିଲା । ଏଥିରେ ଖୋର୍ଦ୍ଧା ତାଲୁକ ଆଇନ ସେବା କମିଟିର ସମ୍ପାଦକ ବସନ୍ତ ଶତପଥି କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପରିବାର ଅଦାଲତ ଜଜ ସୂର୍ଯ୍ୟ ପ୍ରକାଶ କର, ଦ୍ୱିତୀୟ ଅତିରିକ୍ତ ଜଜ ନରେଶ ମହାନ୍ତି, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ହରପ୍ରସାଦ ପାଢୀ, ବରିଷ୍ଠ ଦେୱାନୀ ବିଚାରପତି ସୁନିତା କୁମାରୀ ଖଣ୍ଡେଇୱାଲ, ଚିନ୍ମୟୀ ରଥ (ମହିଳା କୋର୍ଟ), ଏସଡି ଜେଏମ ସୌଦାମିନୀ ସିଂହ, କନିଷ୍ଠ ଦେୱାନୀ ବିଚାରପତି ଜଗଦୀଶ ଚନ୍ଦ୍ର ଜେନା, ଜେଏମଏଫସି ସ୍ନାତକୀ ଦାସ, ସ୍ପେସିଆଲ ଜୁଡିସିଆଲ ମାଜିଷ୍ଟ୍ରେଟ ସୁରେନ୍ଦ୍ର କୁମାର ପାଢୀ, ଜିଲ୍ଲା ଆଇନଜୀବୀ ସଂଘର ସଭାପତି ବିଜୟ କୁମାର ସାମନ୍ତସିଂହାର, ସମ୍ପାଦକ ପ୍ରଦୀପ ମିଶ୍ର, ବାର ଆସୋସିଏସନର ବରିଷ୍ଠ ଓ କନିଷ୍ଠ ଆଇନଜୀବୀ, ଜାତୀୟକରଣ ବ୍ୟାଙ୍କର ପରିଚାଳକ ଓ କର୍ମଚାରୀ ଏବଂ ଖୋର୍ଦ୍ଧା ସିଭିଲ କୋର୍ଟର କର୍ମଚାରୀ ଯୋଗ ଦେଇଥିଲେ । ।ଦାଲତରେ ୬୨୪ ଗୋଟି ମାମଲା ପକାଇଯାଇ ୨୫୧ ଗୋଟି ଫଇସଲା ହୋଇଥିଲା ବେଳେ ୯୭ ଲକ୍ଷ ୩୭ ହଜାର ଟଙ୍କା ଆଦାୟ କରାଯାଇଥିଲା ।

## ତାପଜ କୋଇଲା ରେକ ଖଲାସରେ ପାରାଦୀପ ବନ୍ଦରର ରେକର୍ଡ

ପାରାଦୀପ (ପିଏନ୍)- ପାରାଦୀପ ବନ୍ଦର ଗୋଟିଏ ଦିନରେ ୪୦ଟି ତାପଜ କୋଇଲା ବୋଝେଇ ରେଳ ରେକ ଖଲାସ କରି ରେକର୍ଡ ସୃଷ୍ଟି କରିଛି । ରବିବାର ଦିନ ୪୦ଟି ରେକରୁ ୩୦ଟି ବିଓବିଆରଏନ୍ ତାପଜ କୋଇଲା ରେକ ଏମସିଏଚପି ବର୍ଥରେ ଖାଲି ହୋଇଥିବା ବେଳେ ଜେଏସଡବ୍ଲ୍ୟୁ ଟର୍ମିନାଲରେ ୯ଟି ରେକ ଓ ଗୋଟିଏ ବିଓଏକ୍ସଏନ୍ ରେକ ମାନୁଆଲି ଖଲାସ ହୋଇଥିଲା । ତେବେ ବନ୍ଦରରେ ରେକର୍ଡ ତାପଜ କୋଇଲା ଖଲାସ ନିମନ୍ତେ ବନ୍ଦର ଅଧ୍ୟକ୍ଷ ପି.ଏଲ୍. ହରନାଦ କର୍ମଚାରୀମାନଙ୍କୁ ଅଭିନନ୍ଦନ ଜଣାଇବା ସହ ଇସିଆର୍ ଓ ଏମ୍‌ସିଏଲ ସଂସ୍ଥାକୁ ଧନ୍ୟବାଦ ଜଣାଇଛନ୍ତି । ସୂଚନା ଥାଉକି, ଦେଶରେ ତାପଜ କୋଇଲା ଅଭାବ ଓ ଏତଦ୍‌ଜନିତ ବିଦ୍ୟୁତ ଶକ୍ତି ଯୋଗାଣରେ ବିଭ୍ରାଟକୁ ଦୃଷ୍ଟିରେ ରଖି ପାରାଦୀପ ବନ୍ଦରରେ ତାପଜ କୋଇଲା ପରିବହନ ବୃଦ୍ଧି କରିବା ଉଦ୍ଦେଶ୍ୟରେ ନିକଟରେ କେନ୍ଦ୍ର ଶକ୍ତି ସଚିବ ଓ ଅତିରିକ୍ତ ସଚିବ ପାରାଦାପ ଗସ୍ତ କରି ଫେରିଛନ୍ତି ।

# ଦିଲ୍ଲୀ ପୁଲିସର ଦମନଲୀଳାକୁ କଂଗ୍ରେସର ଦୃଢ଼ ନିନ୍ଦା ଓ ବିକ୍ଷୋଭ ନିଷ୍ପତି

ଭୁବନେଶ୍ୱର (ପିଏନ୍): କେନ୍ଦ୍ରର ମୋଦୀ ସରକାରଙ୍କର ଏକଛତ୍ରବାଦ ନୀତି ଓ ପୁଲିସ୍‌ର ଦମନଲୀଳା ବିରୁଦ୍ଧରେ ଓଡ଼ିଶା ପ୍ରଦେଶ କଂଗ୍ରେସ କମିଟି ଏକ ସମ୍ବାଦିକ ସମ୍ମିଳନୀ ମାଧ୍ୟମରେ ଦୃଢ଼ ନିନ୍ଦା କରିଛି । ଏହା ଗଣତାନ୍ତ୍ରିକ ବିଧି ବ୍ୟବସ୍ଥାର ପରିପନ୍ଥି ବୋଲି ପ୍ରଦେଶ କଂଗ୍ରେସର ସଭାପତି ଶ୍ରୀଯୁକ୍ତ ଶରତ ପଟ୍ଟନାୟକ କହିଛନ୍ତି । ଗଣମାଧ୍ୟମକୁ ସମ୍ବୋଧିତ କରି ସେ କହିଲେ ଯେ ଯେଉଁଭଳି ଭାବରେ ୨୪ ଆକବର ରୋଡ଼, ଦିଲ୍ଲୀ ସ୍ଥିତ ଅଖିଳ ଭାରତୀୟ କଂଗ୍ରେସ କାର୍ଯ୍ୟାଳୟ ଭିତରେ ପ୍ରବେଶ କରି ଏବଂ ଭାରତୀୟ ଜାତୀୟ କଂଗ୍ରେସର ବିଭିନ୍ନ କାର୍ଯ୍ୟକର୍ତ୍ତା ଓ କର୍ମୀମାନଙ୍କୁ କାର୍ଯ୍ୟାଳୟ ଭିତରକୁ ନ ଛାଡ଼ିବା ଏହା ସ୍ୱାଧୀନ ଭାରତ ବର୍ଷରେ କେବେ ଦେଖାଯାଇନଥିଲା । କଂଗ୍ରେସ ମୁଖ୍ୟ କାର୍ଯ୍ୟାଳୟ ସମ୍ମୁଖରେ ୧୪୪ ଧାରା ଜାରି କରି ଦିଲ୍ଲୀ ପୁଲିସ୍,କର୍ମକର୍ତାମାନଙ୍କୁ କାର୍ଯ୍ୟାଳୟ ପରିସର ମଧ୍ୟକୁ ପ୍ରବେଶ କରିବାକୁ ଦେଲା ନାହିଁ ଏବଂ ଯେଉଁମାନେ ପ୍ରତିବାଦ କଲେ ସେମାନଙ୍କ ଉପରେ ଲାଠିମାଡ଼ କଲା । କାହା ନିର୍ଦ୍ଦେଶରେ ଏଭଳି କାମ କରୁଛି ବୋଲି ପି.ସି.ସି. ସଭାପତି ପ୍ରଶ୍ନ କରିଛନ୍ତି । ଜାତୀୟ କଂଗ୍ରେସର ଅଧ୍ୟକ୍ଷ ଏବଂ ବର୍ତ୍ତମାନ ସାଂସଦ ଶ୍ରୀଯୁକ୍ତ ରାହୁଲ ଗାନ୍ଧୀଙ୍କୁ ଲଗାତାର ୩ ଦିନ ଧରି ଇ.ଡ଼ି. ପଚରା ଉଚରା ପାଇଁ ଡାକୁଛନ୍ତି, ଯେଉଁଥିରେ ମନି ଲଣ୍ଡରିଙ୍ଗ ହୋଇଥିବାର ସାମାନ୍ୟତମ ଯଥାର୍ଥତା ନାହିଁ । କଂଗ୍ରେସ ଓ ଗାନ୍ଧୀ ପରିବାରକୁ ଜନମାନସରେ ନିନ୍ଦିତ କରିବା ପାଇଁ ଏକଛତ୍ରବାଦୀ ନରେନ୍ଦ୍ର ମୋଦୀଙ୍କ ବି.ଜେ.ପି ସରକାର ସି.ବି.ଆଇ., ଆଇ.ଟି. ଓ ଇ.ଡ଼ି. ଆଦି ସଂସ୍ଥାକୁ ହାତବାରିଶ୍ କରି ବିରୋଧି ବିଶେଷ କରି କଂଗ୍ରେସର ନେତାମାନଙ୍କୁ ଶିକାର କରୁଛନ୍ତି । କଂଗ୍ରେସ ଏହାର ଦୃଢ଼ ନିନ୍ଦା କରୁଛି । ଦିଲ୍ଲି ପୁଲିସ୍‌ର ଏହି ବର୍ବରତା ପ୍ରତିବାଦରେ ୧୬ ତାରିଖ (ଗୁରୁବାର) ପି.ସି.ସି. ତରଫରୁ ରାଜଭବନ ସମ୍ମୁଖରେ ଓ ଜୁଲାଇ ୧୭ ତାରିଖରେ ସମସ୍ତ ଜିଲ୍ଲା କଂଗ୍ରେସ ତରଫରୁ ଜିଲ୍ଲା ସଦର ମହକୁମାରେ ଥିବା କେନ୍ଦ୍ର ସରକାରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ବିକ୍ଷୋଭ ପ୍ରଦର୍ଶନ କରାଯିବାର ଶ୍ରୀ ପଟ୍ଟନାୟକ ସୂଚନା ଦେଇଛନ୍ତି । ପ୍ରଦେଶ କଂଗ୍ରେସର ଏହି ବିକ୍ଷୋଭ କାର୍ଯ୍ୟକ୍ରମକୁ ପୂର୍ଣ୍ଣ ସହଯୋଗ କରିବାକୁ ଶ୍ରୀ ପଟ୍ଟନାୟକ ରାଜ୍ୟବାସୀଙ୍କୁ ନିବେଦନ କରିଛନ୍ତି । କଂଗ୍ରେସ ବିଧାୟକ ଦଳର ନେତା ଶ୍ରୀଯୁକ୍ତ ନରସିଂହ ମିଶ୍ର ଗଣମାଧ୍ୟମକୁ ସମ୍ବୋଧିତ କରି କହିଲେ ଯେ ଦେଶର ଦୁର୍ଭାଗ୍ୟ ଯେଉଁ ଦଳ ଭାରତବର୍ଷର ସ୍ୱାଧୀନତା ଆନ୍ଦୋଳନକୁ ବିରୋଧ କରୁଥିଲେ, ନାଥୁରାମ ଗଡ୍‌ସେଙ୍କ ଚିନ୍ତାଧାରାରେ ଅନୁପ୍ରାଣିତ ଓ ଦୀର୍ଘ ୫୨ ବର୍ଷ ଧରି ଜାତୀୟ ପତାକା ନଉଡ଼ାଇ କଳାପତାକା ଉଡ଼ାଉଥିଲେ ସେମାନେ ଏବେ ଦେଶର ଶାସନକର୍ତା ହୋଇଛନ୍ତି । ବର୍ତମାନର ପ୍ରଧାନମନ୍ତ୍ରୀ କଂଗ୍ରେସ ମୁକ୍ତ ଭାରତ ବର୍ଷର ସ୍ୱପ୍ନ ଦେଖିଥିଲେ, ତାହା କାର୍ଯ୍ୟକାରୀ କରିବା ପାଇଁ ଯେପରି ଅସାମ୍ବିଧାନିକ ଓ ଅଗଣତାନ୍ତ୍ରିକ ପନ୍ଥା ଅନୁସରଣ କରୁଛନ୍ତି ତାହା ତାଙ୍କ ସରକାରର ଅକାଳ ପତନକୁ ଡାକିଆଣିବ ବୋଲି ଚେତାବନୀ ଦେଇଛନ୍ତି । ଶ୍ରୀ ମିଶ୍ର ଦୃଢ଼ୋକ୍ତି କରି କହିଛନ୍ତି ଯେ, କଂଗ୍ରେସ ଭାରତର ଅତୀତ, ବର୍ତମାନ ଓ ଭବିଷ୍ୟତ । ଏହି ସାମ୍ବାଦିକ ସମ୍ମିଳନୀକୁ ପୂର୍ବତନ ମନ୍ତ୍ରୀ ତଥା ପି.ସି.ସି ଗଣମାଧ୍ୟମ ଅଧ୍ୟକ୍ଷ ଶ୍ରୀଯୁକ୍ତ ଗଣେଶ୍ୱର ବେହେରା ପୌରହିତ୍ୟ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ପୂର୍ବତନ ପି.ସି.ସି. ସଭାପତି ଶ୍ରୀ ପ୍ରସାଦ ହରିଚନ୍ଦନ, ବିଧାୟକ ସୁରେଶ କୁମାର ରାଉତରାୟ, ବିଧାୟକ ଦାଶରଥି ଗମାଙ୍ଗୋ, ପୂର୍ବତନ ମନ୍ତ୍ରୀ ପଂଚାନନ କାନୁନ୍‌ଗୋ, ଯୁଧିଷ୍ଠିର ଜେନା, ପୂର୍ବତନ ସାଂସଦ ଅନନ୍ତ ପ୍ରସାଦ ସେଠୀ, ବରିଷ୍ଠ କଂଗ୍ରେସ ନେତା ଶିବାନନ୍ଦ ରାୟ, ଶୁଭେନ୍ଦୁ ମହାନ୍ତି, ସୁରେଶ ମହାପାତ୍ର, ଭୁବନେଶ୍ୱର ଜିଲ୍ଲା କଂଗ୍ରେସ ସଭାପତି ବିଶ୍ୱଜିତ୍ ଦାସ, ପୂର୍ବତନ ଯୁବ କଂଗ୍ରେସ ସଭାପତି ଲୋକନାଥ ମହାରଥି, ଯୁବ କଂଗ୍ରେସ ସଭାପତି ସ୍ମୃତିରଂଜନ ଲେଙ୍କା, ଛାତ୍ର କଂଗ୍ରେସ ସଭାପତି ୟାସିର୍ ନୱାଜ, ମୁଖପାତ୍ର ରଜନୀ କୁମାର ମହାନ୍ତି, ନିଶିକାନ୍ତ ମିଶ୍ର ପ୍ରମୁଖ ଉପସ୍ଥିତ ଥିବାବେଳେ ପିସିସି ଗଣମାଧ୍ୟମ ବିଭାଗର ଆବାହକ ଶ୍ରୀ ସତ୍ୟପ୍ରକାଶ ନାୟକ ଉପସ୍ଥିତ ସମସ୍ତ ଗଣମାଧ୍ୟମର ପ୍ରତିନିଧି ଓ କଂଗ୍ରେସର ନେତୃବୃନ୍ଦଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ବୋଲି ଗଣମାଧ୍ୟମ ସଂଯୋଜକ ଦୀପକ କୁମାର ମହାପାତ୍ର ପ୍ରକାଶ କରିଛନ୍ତି ।

# କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ନାକ ମାନ୍ୟତା ପାଇଁ ପ୍ରସ୍ତୁତି ଆରମ୍ଭ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟକୁ ନାକ୍(ନ୍ୟାସନାଲ ଆସେସମେଣ୍ଟ ଓ ଆକ୍ରିଡିଟେସନ କାଉନସିଲ) ମାନ୍ୟତା ପାଇଁ ଯୋରଦାର ପ୍ରସ୍ତୁତି ଆରମ୍ଭ ହୋଇଯାଇଛି । ଏ ନେଇ ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ପ୍ରଫେସର ଗୋପାଳ ଚନ୍ଦ୍ର ବେହେରା ସମସ୍ତ ପ୍ରକାର ପ୍ରସ୍ତୁତି ଆରମ୍ଭ କରିଦେଇଥିବା ସୂଚନା ମିଳିଛି । ନାକ୍ ମାନ୍ୟତା ପାଇବା ପାଇଁ ହେଲେ ମହାବିଦ୍ୟାଳୟକୁ ମୁଖ୍ୟତଃ ୱାଇ ଫାଇ କ୍ୟାମ୍ପସରେ ପରିଣତ କରିବାକୁ ପଡିବ । ଏଥିସହିତ ସ୍ମାର୍ଟ କ୍ଲାସରୁମ କରିବାକୁ ପଡିବ, ଜିଓ ଟ୍ୟାଗ ଥିବା ସମ୍ମିଳନୀ କକ୍ଷ ପ୍ରସ୍ତୁତ କରିବାକୁ ପଡିବ, କମ୍ପ୍ୟୁଟର ସେଲ କରିବାକୁ ପଡିବ, ବାୟୋ ଗ୍ୟାସ ପ୍ଲାଣ୍ଟ କରିବାକୁ ପଡିବ, ଲାବୋରୋଟୋରୀକୁ ଉନ୍ନତ ମାନର କରିବା ସହିତ ଗବେଷଣା କାର୍ଯ୍ୟକ୍ରମକୁ ବୃଦ୍ଧି କରିବାକୁ ପଡିବ ବୋଲି କଲେଜ ଅଧ୍ୟକ୍ଷ ପ୍ରଫେସର ବେହେରା କହିଛନ୍ତି । ସେହିପରି ବର୍ଷା ଜଳ ଅମଳ ବ୍ୟବସ୍ଥା କରିବାକୁ ପଡିବ, ସୌର ପ୍ଲାଣ୍ଟ କରିବାକୁ ପଡିବ, ମହାବିଦ୍ୟାଳୟରେ ବ୍ୟାଟେରୀ ଚାଳିତ ତିନିଚକିଆ ଗାଡି ଚାଲିବା ନେଇ ସେହିଭଳି କ୍ୟାମ୍ପସ କରିବାକୁ କରାଯାଇପାରିଲେ ମହାବିଦ୍ୟାଳୟକୁ ନାକ୍ ମାନ୍ୟତା ମିଳିପାରିବ ବୋଲି ଅଧ୍ୟକ୍ଷ ଶ୍ରୀ ବେହେରା କହିଥିଲେ । ଶ୍ରୀ ବେହେରା କହିଛନ୍ତି ଯେ ଏବେ ମହାବିଦ୍ୟାଳୟରେ ଶିକ୍ଷାଦାନ ଉପରେ ମୁଁ ବିଶେଷ ଭାବେ ଧ୍ୟାନ ଦେଇଛି । ପ୍ରଫେସର ବେହେରା ଗତ ୧୫ ଦିନ ହେବ ଭାରପ୍ରାପ୍ତ ଅଧ୍ୟକ୍ଷ ଭାବେ ଯୋଗ ଦେଇଛି । ଏହି ୧୫ ଦିନ ମଧ୍ୟରେ ସବୁ କ୍ଲାସ ଯେପରି ହୋଇପାରିବ ତାହା ଉପରେ ସେ ଗୁରୁତ୍ୱ ଦେଇଛନ୍ତି । ନିଜେ ମଧ୍ୟ ସେ କ୍ଲାସ ନେଉଛନ୍ତି । ଏଥିସହ ଅନ୍ୟ କ୍ଲାସ ହେଉଛି କି ନାହିଁ ସେ ନେଇ ପ୍ରତି ପିରିୟଡରେ ସେ ବୁଲି ଦେଖୁଛନ୍ତି । ଅନୁରୂପ ଭାବେ ମହାବିଦ୍ୟାଳୟକୁ କିପରି ନାକ ମାନ୍ୟତା ମିଳିବ ସେ ନେଇ ପ୍ରସ୍ତୁତି ମଧ୍ୟ ଯୋରଦାର ଚାଲିଛି । ସୂଚନା ଯୋଗ୍ୟ ଯେ କେନ୍ଦ୍ରାପଡ଼ା ସ୍ୱୟଂଶାସିତ ମହାବିଦ୍ୟାଳୟ ସମଗ୍ର ରାଜ୍ୟରେ ଏକ ବୃହତ ବେସରକାରୀ ମହାବିଦ୍ୟାଳୟ । ଏହି ମହାବିଦ୍ୟାଳୟରୁ ପାଠ ପଢି ବହୁ ଛାତ୍ରଛାତ୍ରୀ ଦେଶ ବିଦେଶରେ ସୁନାମ ଆଣିଦେଇଛନ୍ତି । ତେଣୁ କେବଳ ରାଜ୍ୟ ସ୍ତରରେ ନୁହେଁ ଜାତୀୟ ସ୍ତରରେ ମଧ୍ୟ କେନ୍ଦ୍ରାପଡ଼ା ମହାବିଦ୍ୟାଳୟର ସୁନାମ ରହିଛି । ଏହି ମହାବିଦ୍ୟଳୟରେ ପିଜି ପାଠ୍ୟକ୍ରମ ରହିଛି । ନାକ୍ ଟିମ ୨୦୨୧ ଡିସେମ୍ବରରେ କେନ୍ଦ୍ରାପଡ଼ା ମହାବିଦ୍ୟାଳୟକୁ ଗସ୍ତରେ ଆସିଥିଲେ । ସେମାନେ ମହାବିଦ୍ୟାଳୟର ଶୈକ୍ଷିକ ପରିବେଶ ଓ ଅନ୍ୟାନ୍ୟ ଭିତ୍ତିଭୂମି ଦେଖି ଫେରିଛନ୍ତି । ଏଥିସହ କ୍ୟାମ୍ପସକୁ କିଭଳି ଭାବେ ଉନ୍ନତ କରାଯାଇ ପାରିବ ତାହାର ଏକ ରୋଡମ୍ୟାପ ପ୍ରଦାନ କରିଛନ୍ତି । ଏହି ରୋଡମ୍ୟାପ ଅନୁଯାୟୀ ଆମେ ମହାବିଦ୍ୟାଳୟକୁ ଉନ୍ନତ କରିବା ପାଇଁ ଯୋଜନା କରିଛୁ । ଖୁବଶୀଘ୍ର ଏହି ସବୁ ଭିତ୍ତିଭୂମିର ବିକାଶ କରାଯିବ ବୋଲି ଅଧ୍ୟକ୍ଷ ଶ୍ରୀ ବେହେରା କହିଛନ୍ତି ।

## କେନ୍ଦ୍ରାପଡ଼ା ମହାବିଦ୍ୟାଳୟରେ ଯୋଗଦେଲେ ୫ ଅଧ୍ୟାପକ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡ଼ା ସ୍ୱୟଂ ଶାସିତ ମହାବିଦ୍ୟାଳୟରେ ଅଧ୍ୟାପକ ସଙ୍କଟ ଲାଗି ରହିଥିବା ବେଳେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା ଓ ନବନିଯୁକ୍ତ ଅଧ୍ୟକ୍ଷ ଗୋପାଳଚନ୍ଦ୍ର ବେହେରାଙ୍କ ଉଦ୍ୟମକ୍ରମେ ୫ ଜଣ ଅଧ୍ୟାପକ ମହାବିଦ୍ୟାଳୟରେ ଯୋଗ ଦେଇଛନ୍ତି । ସେମାନଙ୍କ ମଧ୍ୟରୁ ବାଣିଜ୍ୟ ବିଭାଗରେ ଦୁଇଜଣ ବିକାଶ କୁମାର ନାୟକ ଓ ମନୋଜ ପ୍ରଧାନ, ଦର୍ଶନ ଶାସ୍ତ୍ରରେ ସତ୍ୟରଞ୍ଜନ ମିଶ୍ର, ପରିସଂଖ୍ୟାନ ବିଭାଗର ଡଃ. ଭବାନୀ ଶଙ୍କର ମହାନ୍ତି, ଉଦ୍ଭିଦ ବିଜ୍ଞାନ ବିଭାଗରେ ସଂଯୁକ୍ତା ପାତ୍ର ପ୍ରମୁଖ ଯୋଗ ଦେଇଛନ୍ତି । ଏହି ଅଧ୍ୟାପକମାନେ ଅଧ୍ୟକ୍ଷ ଗୋପାଳ ଚନ୍ଦ୍ର ବେହେରାଙ୍କ ଉପସ୍ଥିତିରେ କାର୍ଯ୍ୟରେ ଯୋଗଦେଇଛନ୍ତି । ପୂର୍ବରୁ ମହାବିଦ୍ୟାଳୟରେ ଅଧ୍ୟାପକ ସଙ୍କଟ ଲାଗିରହିଥିବା ବେଳେ ୫ ଜଣ ଅଧ୍ୟାପକଙ୍କ ଯୋଗଦାନ ଛାତ୍ରଛାତ୍ରୀଙ୍କ ମହଲରେ ଖୁସିର ଲହରୀ ଖେଳାଇ ଦେଇଛି । ଆସନ୍ତା କିଛିଦିନ ମଧ୍ୟରେ ଆଉ କେତେକ ଅଧ୍ୟାପକ ଏଠାରେ ଯୋଗଦେବାର ସମ୍ଭାବନା ରହିଥିବା ସୂଚନା ମିଳିଛି ।

## ବିଜେଡି ବ୍ଲକ ସଭାପତିଙ୍କ ମାତୃବିୟୋଗ

କେନ୍ଦ୍ରାପଡ଼ା (ପିଏନ୍): କନ୍ଦ୍ରୋପଡା ବ୍ଲକ ବିଜେଡି ସଭାପତି ଆଲୋକ ସାହୁଙ୍କ ମାତାଙ୍କ ବିୟୋଗ ହୋଇଯାଇଛି । ତାଙ୍କ ମା ପୂର୍ଣ୍ଣଲତା ସାହୁଙ୍କର ୯୦ବର୍ଷ ବୟସରେ ବାର୍ଦ୍ଧକ୍ୟଜନିତ ରୋଗରେ ପରଲୋକ ହୋଇଯାଇଛି । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି । ସ୍ୱର୍ଗତା ସାହୁ ଜଣେ ମିଷ୍ଟଭାଷି, ଧର୍ମ ପରାୟଣା ମହିଳା ଥିଲେ । ଏ ସମ୍ପର୍କରେ ଖବର ପାଇ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ଜିଲ୍ଲା ପରିଷଦ ସଭ୍ୟା ଲିଲିତା ଦାସ ଓ ରଶ୍ମୀରଞ୍ଜନ ରାଉତ, ବିଜେଡି ଯୁବନେତା ରାଜେଶ ପଣ୍ଡା, ଦୁଷ୍ମନ୍ତ ମଲିକ, ମହନ୍ଦ୍ରେ ମିଶ୍ର, ଅସିତବନ୍ଧୁ ଧଳ, ସମାଜସେବୀ ପ୍ରତାପ ଚନ୍ଦ୍ର ଦାସ, ବ୍ଲକ ଉପାଧ୍ୟକ୍ଷ ପ୍ରତାପ ମହାପାତ୍ର, ବିଭିନ୍ନ ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟଙ୍କ ସମେତ ବହୁ ବିଶିଷ୍ଟବ୍ୟକ୍ତି ପ୍ରମୁଖ ତାଙ୍କ ଇନ୍ଦୁପୁରସ୍ଥିତ ବାସଭବନରେ ପହଞ୍ଚି ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ । ଗ୍ରାମ୍ୟ ଶ୍ମଶାନରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଥିବା ବେଳେ ଜ୍ୟେଷ୍ଠପୁତ୍ର ନିରଞ୍ଜନ ସାହୁ ମୁଖାଗ୍ନୀ ଦେଇଥିଲେ ।

## 'ଶାନ୍ତି ପଥ'ର ଚତୁର୍ଥ ବାର୍ଷିକ ଉତ୍ସବ

ଭୁବନେଶ୍ୱର (ପିଏନ୍): ବିଶ୍ୱଶାନ୍ତି, ସମାଜସେବା, ଯୋଗ, ମାନବ କଲ୍ୟାଣର ସଂଗଠନ 'ଶାନ୍ତି ପଥ'ର ଚତୁର୍ଥ ବାର୍ଷିକ ଉତ୍ସବ ସ୍ଥାନୀୟ ବୁଦ୍ଧ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମରେ ମାର୍ଗଦର୍ଶକ ଭାବେ ସାରସ୍ୱତ ପ୍ରତିଭା ପ୍ରଫେସର ଧନେଶ୍ୱର ସାହୁ, ଜୟନ୍ତ ଦାସ, ଚନ୍ଦ୍ରବିଜୟୀ ମିଶ୍ର, ବିଜୟ ତ୍ରିପାଠୀ ପ୍ରମୁଖ ଯୋଗଦେଇ ଗୌତମ ବୁଦ୍ଧ ଓ ଗାନ୍ଧୀଙ୍କ ପ୍ରାସଙ୍ଗିକତା ଆଜି ବି ରହିଛି ବୋଲି ମତବ୍ୟକ୍ତ କରିଥିଲେ । ବିଶ୍ୱ ଶାନ୍ତି, ଯୋଗ, ମାନବ କଲ୍ୟାଣକୁ ଗୁରୁତ୍ୱ ଦେଇ ଉକ୍ତ ସଂଗଠନ ଦୀର୍ଘ ୪ ବର୍ଷ ହେବ ରାଜ୍ୟର ବିଭିନ୍ନସ୍ତରରେ କାର୍ଯ୍ୟକରି ଆସୁଛି ବୋଲି ସଭାପତି ଶ୍ରୀଯୁକ୍ତ ମିଶ୍ର କହିଥିଲେ । ଆଜିର ସମାଜରେ ମନୁଷ୍ୟ ନିଜେ ସୁସ୍ଥ ରହିବା ସହିତ ଦୈନନ୍ଦିନ ଯୋଗ, ପ୍ରାଣାୟମ ଏବଂ ଜୀବନଚର୍ଯ୍ୟାରେ ଯଦି ସକାରାତ୍ମକ ପରିବର୍ତ୍ତନ ଆଣିପାରେ, ତେବେ ଏକ ସୁନ୍ଦର, ସମୃଦ୍ଧ ବିଶ୍ୱର ପରିକଳ୍ପନା ସମ୍ଭବ ହୋଇପାରିବ ଅତିଥିମାନେ ମତବ୍ୟକ୍ତ କରିଥିଲେ । ଏହି ଅବସରରେ ଶାନ୍ତିପଥର ସୈନିକ ମଦନ ମୋହନ ପାଢୀ, ଟି.କେ ରାହା, ଅଙ୍କନ ମିଶ୍ର, ବିଶ୍ୱନାଥ ମାର୍ଥା, ଶୁଭେନ୍ଦ୍ର ପଟ୍ଟନାୟକ ଓ ଅରବିନ୍ଦ ତ୍ରିପାଠୀଙ୍କୁ ଅତିଥିମାନେ ଉତ୍ତରୀୟ ଓ ବୃକ୍ଷଚାରା ଦେଇ ସମ୍ବର୍ଦ୍ଧିତ କରିଥିଲେ । 'ଶାନ୍ତିପଥ'ର ଅଧ୍ୟକ୍ଷ, ପ୍ରତିଷ୍ଠାତା ସମାଜସେବୀ ଶିବନାରାୟଣ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମକୁ ପୂର୍ଣ୍ଣଚନ୍ଦ୍ର ମହାପାତ୍ର ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଯୁବ ସାମ୍ବାଦିକ ଅରବିନ୍ଦ ତ୍ରିପାଠୀ ଧନ୍ୟବାଦ ଅର୍ପଣ କରିଥିଲେ । ପ୍ରିୟବ୍ରତ ବାରିକ, ସ୍ୱାଗତିକା, ସତ୍ୟବ୍ରତ ପ୍ରମୁଖ କାର୍ଯ୍ୟକ୍ରମକକୁ ପରିଚାଳନାରେ ସହଯୋଗ କରିଥିଲେ ।


DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs. 8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple,
Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.KG. & U.KG.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Praggyan Communication

Mahaditya Publication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.KG., U.KG., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ଅଭିନବ ଉପାୟରେ ଡାକ୍ତର କରଙ୍କ ଅଙ୍ଗଦାନ ମହାପୂର୍ଣ୍ଣ୍ୟ ଶିବିର



ଜେନାପୁର,(ପି.ଏନ୍) 'ଅଙ୍ଗଦାନ ମହାପୂର୍ଣ୍ଣ୍ୟ' ମୃତ୍ୟୁର ପରବର୍ତ୍ତୀ ସମୟରେ ଅଙ୍ଗ ପ୍ରତ୍ୟଙ୍ଗ ଗୁଡିକ ସାଧାରଣ ଆଜିର ଦିନରେ ଗାଁ ଓ ସହରରେ ଶବଦାହ କରି ନଷ୍ଟ କରି ମାଟିରେ ମିଶାଇ ଦେଇଥାନ୍ତି । ମନୁଷ୍ୟ ମୃତ୍ୟୁ ପରେ ଅଙ୍ଗ ଗୁଡିକ ନଷ୍ଟ ନ କରି ଶରୀରରେ ପ୍ରତିରୋପଣ ଦ୍ୱାରା ଜୀବନ ବଞ୍ଚି ପାରୁଛି । ଅଙ୍ଗଦାନ ପାଇଁ ଲୋକଙ୍କୁ ସଚେତନ କରିବାକୁ ଯୁବ ଡାକ୍ତର ଶିବିର ଆୟୋଜନ କରି ନିଆରା ପ୍ରୟାସ କରିଛନ୍ତି । ଧର୍ମଶାଳା ବ୍ଲକ ଅନ୍ତର୍ଗତ ମର୍ଜିତାପୁର ହିଙ୍ଗୁଳା ଯାତ୍ରାରେ ଏକ ଅଙ୍ଗଦାନ ପଞ୍ଜିକରଣ ଶିବିର ମାଧ୍ୟମରେ ଲୋକଙ୍କୁ ସଚେତନ କରୁଛନ୍ତି ଯୁବ ଡାକ୍ତର ନିହାର ରଞ୍ଜନ କର । ଏଠାରେ ହିଙ୍ଗୁଳା ଯାତ୍ରା ୪ଦିନ ଧରି ଚ଼ାଲୁ ରହିଛି । ଯୁବ ଡାକ୍ତର ଶ୍ରୀ କର ଏଠାରେ ଶିକ୍ଷା, ସ୍ୱାସ୍ଥ୍ୟ, ସାମାଜିକ ସଚେତନତା ଓ ଅଙ୍ଗଦାନ ନେଇ ବିଶେଷ ଲୋକଙ୍କୁ ଅବଗତ କରାଯାଉଛି । ମୃତ୍ୟୁ ପରେ ନିଜ ଶରୀରର ମୂଲ୍ୟବାନ ଅଙ୍ଗ ଆଖି, ହୃତପିଣ୍ଡ, ବୃକକ୍, ଯକୃତ, ଫୁସଫୁସ, ଇଣ୍ଟେଷ୍ଟାଇନ, ଅଗ୍ନାଶୟ, ରକ୍ତ ଆଦି ନିଆଁରେ ଜାଳି କିମ୍ବା ମାଟିରେ ପୋତି ନଷ୍ଟ କରିବା ଅପେକ୍ଷା ଆଉ କାହାର ଆବଶ୍ୟକତା ପୂରଣ କରି ଜୀବନ ବଞ୍ଚାଇ ପାରିଲେ ତାହା ଆମ ପାଇଁ ସର୍ବଶ୍ରେଷ୍ଠ ଦାନ ହେବ ବୋଲି ମେଳାରେ ବୁଲିବାକୁ ଆସୁଥିବା ଲୋକଙ୍କୁ ଅବଗତ କରୁଛନ୍ତି । ଡାକ୍ତର କରଙ୍କ କହିବା ଆମେ ଜୀବିତ ଅବସ୍ଥାରେ ଅର୍ଥଦାନ ଅନୁସାରେ ଭୋଜନ ଦାନ, ବସ୍ତ୍ର ଦାନ, ଶ୍ରମଦାନ ଆଦି କରି ଉପକାର କରୁଛନ୍ତି । କିନ୍ତୁ ଆମେ ମୃତ୍ୟୁ ପରେ ବି କିଛି ଦାନ କରି ସବୁଦିନ ପାଇଁ ଅମର ହୋଇପାରିବା । ଆମେ ଅଙ୍ଗଦାନ କରି ଅନ୍ୟର ଜୀବନ ବଞ୍ଚାଇବା ଓ ସେହି ପରିବାରରେ ଖୁସି ଆଣିବା ଏହା ହିଁ ଆମର ସବୁଠାରୁ ବଡ଼ ପୂଣ୍ୟ । ଏହି ଅଭିନବ କାର୍ଯ୍ୟକ୍ରମରେ ପ୍ରଥମ ଅଙ୍ଗଦାତା ଭାବେ ମହିଳା ସାମ୍ବାଦିକା ତଥା ସମାଜସେବୀ ସାଗରିକା ଦଳାଇ ପ୍ରଥମେ ପଞ୍ଜିକରଣ କରିଥିଲେ । ଏହି ଷ୍ଟଲ୍ ?ରେ କୁନି କୁନି ପିଲାଙ୍କ ପାଇଁ ମାଗଣାରେ ସାଧାରଣ ଜ୍ଞାନ ବହି ବଣ୍ଟନ କରାଯାଉଛି । ଷ୍ଟଲ୍‌କୁ ଆସୁଥିବା ପ୍ରତ୍ୟେକ ମହିଳାଙ୍କ ପାଇଁ ଉପହାର ସ୍ୱରୂପ ଏକ ମନ୍ଦାର ଫୁଲ ଗଛ ମଧ୍ୟ ପ୍ରଦାନ କରାଯାଉଛି ଓ ମେଳା ଶେଷ ପର୍ଯ୍ୟନ୍ତ ପ୍ରତ୍ୟେକ ଦିନ ଏହି କାର୍ଯ୍ୟକ୍ରମ ଚ଼ାଲୁ ରହିବ ବୋଲି ଡାକ୍ତର କର ସୂଚ଼ନା ଦେଇଛନ୍ତି । ଏହି ଅଭିଯାନରେ ଡାକ୍ତର କରଙ୍କ ସହିତ ସଚେତନ ନାଗରିକ ମଞ୍ଚର କର୍ମକର୍ତ୍ତା ଓ ସ୍ଥାନୀୟ ଯୁବକ ସହଯୋଗ କରୁଛନ୍ତି । ଡାକ୍ତରଙ୍କ ଏଭଳି ପ୍ରୟାସକୁ ସ୍ଥାନୀୟ ଅଞ୍ଚଳବାସୀ ଭୂୟଶ୍ରୀ ପ୍ରଶଂସା କରୁଛନ୍ତି ।

# ଶଙ୍ଖଧରିଲେ ସନ୍ନ୍ୟାସୀ, ମୁକେଶ ସମେତ ପାରଳାଖେମୁଣ୍ଡିର ବିଜେପି,କଂଗ୍ରେସ କର୍ମୀ



ଭୁବନେଶ୍ୱର,(ପି.ଏନ): ଶନିବାର ଶଙ୍ଖ ଭବନଠାରେ ଆୟୋଜିତ ବିଭିନ୍ନ ପର୍ଯ୍ୟାୟ କାର୍ଯ୍ୟକ୍ରମରେ ନୟାଗଡ଼ ଜିଲ୍ଲା ରଣପୁର ନିର୍ବାଚମଣ୍ଡଳୀର ପୂର୍ବତନ ଓଡ଼ଗାଁ ବ୍ଲକ ଅଧ୍ୟକ୍ଷ ସନ୍ନ୍ୟାସୀ ପ୍ରଧାନ, ବଲାଙ୍ଗିର ଜିଲ୍ଲା ଅନ୍ତର୍ଗତ ଟିଟିଲାଗଡ଼ ନିର୍ବାଚନଣ୍ଡଳୀର ଜିଲ୍ଲା ସାଧାରଣସମ୍ପାଦକ ମୁକେଶ ଜୈନ ବିଜେଡ଼ିରେ ସାମିଲ ହୋଇଛନ୍ତି । ସେହିପରି ଗଜପତି ଜିଲ୍ଲା ଅନ୍ତର୍ଗତ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀର ଶତାଧିକ ବିଜେପି ଓ କଂଗ୍ରେସ କର୍ମକର୍ତ୍ତା ଏବଂ ନିର୍ବାଚିତ ପ୍ରତିନିଧି ମଧ୍ୟ ବିଜେଡ଼ିର ସାମିଲ ହୋଇଛନ୍ତି । ପୂର୍ବତନ ମନ୍ତ୍ରୀ ତଥା ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁ ରଣପୁର ବିଧାୟକ ସତ୍ୟନାରାୟଣ ପ୍ରଧାନ ଓ ରାଜ୍ୟସଭା ସାଂସଦ ଡକ୍ଟର ସସ୍ମିତ ପାତ୍ରଙ୍କ ଉପସ୍ଥିତିରେ ସନ୍ନ୍ୟାସୀ ପ୍ରଧାନ ଓ ତାଙ୍କ ସମର୍ଥକ ବିଜେଡ଼ିରେ ଯୋଗ ଦେଇଥିଲେ । ଏହି ମିଶ୍ରଣ ପର୍ବରେ ନୟାଗଡ଼ ଜିଲ୍ଲା ପରିଷଦ ସଭାପତି ଦେବାଶିଷ ପଟ୍ଟନାୟକ, ଜୋନ ୪ର ଜିଲ୍ଲା ପରିଷଦ ସଦସ୍ୟ ସଂଯୁକ୍ତା ପାଢ଼ୀ, ଜୋନ ୩ର ଜିଲ୍ଲା ସଦସ୍ୟ ଚିନ୍ମୟ ଦାଶ, ରଣପୁର ଆତ୍ମା ସଂଘର ଅଧ୍ୟକ୍ଷା ନର୍ମଦା ରାୟ, ଜୋନ ୨୧ର ଜିଲ୍ଲା ପରିଷଦ ସଦସ୍ୟ କିଶୋର ପଟ୍ଟନାୟକ, ବିଜେପି ମହିଳା ନେତ୍ରୀ ସ୍ମିତା ସିଂହ, ସମିତି ସଭ୍ୟ ଭାଗବତ ସେଠୀ, ରଣପୁର ନିର୍ବାଚନ ମଣ୍ଡଳୀର ବିଜେପି କୃଷକ ମୋର୍ଚ୍ଚା ସଭାପତି ଜନାର୍ଦ୍ଦନ ଦଳବେହେରା, ସ୍ୱାଧୀନତା ସଂଗ୍ରାମୀ ପରିବାର ସଦସ୍ୟ ତ୍ରିନାଥ ବିଶ୍ୱାଳଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ସେହିପରି ମୁକେଶ ଜୈନଙ୍କ ନେତୃତ୍ୱରେ ଶତାଧିକ ବିଜେପି କର୍ମକର୍ତ୍ତା ଓ ନିର୍ବାଚିତ ପ୍ରତିନିଧି ବିଜେଡ଼ିରେ ସାମିଲ ହୋଇଛନ୍ତି । ଶଙ୍ଖ ଭବନଠାରେ ମନ୍ତ୍ରୀ ତଥା ଟିଟିଲାଗଡ଼ ବିଧାୟିକା ଟୁକୁନି ସାହୁ ଓ ରାଜ୍ୟସଭା ସାଂସଦ ଡକ୍ଟର ସୁସ୍ମିତ ପାତ୍ରଙ୍କ ଉପସ୍ଥିତିରେ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଥିଲା । ମିଶ୍ରଣ ପର୍ବରେ ଜିଲ୍ଲା ସମ୍ପାଦକ ଅଶୋକ ମିଶ୍ର, ୮ ନମ୍ବର ଜୋନ ବିଜେପି ମଣ୍ଡଳ ସଭାପତି ନିମାଇଁ ଚରଣ ବେହେରା,ତପନ ଠାକୁର, ବିଜୟ କୁମାର ମାରୁ, ପ୍ରଶାନ୍ତ ମହାନ୍ତି, ନରସିଂହ ସିଂହ, ବିପିନ ଠାକୁର, ଜିତୁ ବିଶିଙ୍କ ସହ ଶତାଧିକ ବିଜେପି କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ । ଏହା ସହ ପାରଳାଖେମୁଣ୍ଡି ନିର୍ବାଚନମଣ୍ଡଳୀରୁ ପୂର୍ବତନ ବିଜେପି କାଶିନଗର ବ୍ଲକ ଅଧ୍ୟକ୍ଷ ଚନ୍ଦ୍ର ସାହୁକାର, ପୂର୍ବତନ କଂଗ୍ରେସ ଗୁମ୍ମା ବ୍ଲକ ଉପାଧ୍ୟକ୍ଷ ବେରିନିକୋ ଗାମଙ୍ଗୋ, ପାରଳାଖେମୁଣ୍ଡି ଓକିଲ ସଂଘ ସଭାପତି ସ୍ୱରୂପ କୁମାର ପାଲୋ, ପ୍ରମୋଦ ପାଣିଗ୍ରାହୀ,ଖଗେଶ୍ୱର ବେହେରା, ସୁଲାମୀ ଶବର, ଲକ୍ଷବଛ କର୍ଜୀ, ଅନିତା ରଇତା, କୃଷ୍ଣ କୁମାର ବେହେର, ୱାଇ ଧନଞ୍ଜୟ ରାଓ, ଟି. ଦୁର୍ଗା ପ୍ରସାଦ, କେ. ଭବାନୀ ପ୍ରସାଦ, ବି. ରାଜୁ, କେ. ଲକ୍ଷ୍ମୀନାରାୟଣଙ୍କ ସହ ଶତାଧିକ ବିଜେପି ଓ କଂଗ୍ରେସ କର୍ମୀ ବିଜେଡ଼ିରେ ସାମିଲ ହୋଇଥିଲେ ।

# ଜିଲ୍ଲା ପୂର୍ବତନ ସୈନିକ ପରିବାର କୁଜଙ୍ଗ ଶାଖା ଆନୁକୂଲ୍ୟରେ ଜଳ ଛତ୍ର ସେବା କାର୍ଯ୍ୟକ୍ରମ



ପାରାଦୀପ,(ପି.ଏନ): ପ୍ରବଳ ଗ୍ରୀଷ୍ମ ପ୍ରବାହ ଓ ପଥଚ଼ାରୀ ଙ୍କ ଜଳକଷ୍ଟ କୁ ଦୃଷ୍ଟି ରଖି ଜଗତସିଂହପୁର ଜିଲ୍ଲା ପୂର୍ବତନ ସୈନିକ ପରିବାର ଆସନ୍ତା ଜୁନ ମାସ ଶେଷ ପର୍ଯ୍ୟନ୍ତ ଜିଲ୍ଲା ର ପ୍ରତ୍ୟେକ ବ୍ଲକ ରେ କ୍ରମାନ୍ୱୟରେ ଜଳ ଛତ୍ର ସେବା ଯୋଗାଇବା ନେଇ ନିଷ୍ପତି ନେଇଛନ୍ତି କ୍ଷ ଏହି ପରିପ୍ରେକ୍ଷୀରେ ପୂର୍ବତନ ସୈନିକ ପରିବାର କୁଜଙ୍ଗ ବ୍ଲକ ଶାଖା ଆନୁକୂଲ୍ୟରେ ଏକ ଜଳ ଛତ୍ର ସେବା ରବିବାର ସକାଳ ୯ ଟା ଠାରୁ ମଧାହ୍ନ ୨ ଘଟିକା ପର୍ଯ୍ୟନ୍ତ ଆୟୋଜିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମ ରେ ସଙ୍ଘ ର ସଭାପତି ମେଜର କୁଳମଣି ସୁତାର, କୋଷାଧକ୍ଷ ସୁବେଦାର ମେଜର ବିପିନ ମହାପାତ୍ର, ସହ ସମ୍ପାଦକ ବିମଳ ପଟ୍ଟନାୟକ, କୁଜଙ୍ଗ ମଣ୍ଡଳ ମୁଖ୍ୟ ଗୌତମ ମହାପାତ୍ର, ଅରକ୍ଷିତ ସାହୁ, ଫକୀର କର, ଏଚ଼ ଏଫ ହନିଫ, ବିଚ଼ିତ୍ରା ନନ୍ଦ ଦାସ, ସହଦେବ ସ୍ୱାଇଁ, କାମଦେବ ବେଉରା ପ୍ରମୁଖ ସେବାରେ ନିୟୋଜିତ ହୋଇଥିଲେ । ତେବେ ପୂର୍ବତନ ସୈନିକ ମାନଙ୍କ ଏପରି ମହତ କାର୍ଯ୍ୟକୁ ସାଧାରଣରେ ବେସ ପ୍ରଶଂସା କରାଯାଇଛି ।

# ବିଶ୍ୱମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ ସଚେତନତା ରଥ

କନ୍ଧମାଳ,(ପିଏନ)- ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ ଅବସରରେ କନ୍ଧମାଳ ଜିଲା ମୁଖ୍ୟ ଚିକିତ୍ସାଳୟ ପରିସରରେ ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡ଼.ରାଜଶ୍ରୀ ପଟନାୟକଙ୍କ ଦ୍ୱାରା ଜିଲାର ଗ୍ରାମାଂଚଳ ଗୁଡିକରେ ମାନସିକ ସ୍ୱାସ୍ଥ୍ୟ ସଂମ୍ପର୍କିତ ସଚେତନତା ପାଇଁ ଏକ ସଚେତନତା ରଥାର ଶୁଭ ରଥ ଉଦ୍ ଘାଟନ କରାଯାଇଛି । ଏହି ରଥ ଜିଲାର ଗ୍ରାମାଞ୍ଚଗ୍ରାମଂଚଳରେ ସଚେତନତାର ବାର୍ତା ପ୍ରଚାର ଉଦ୍ଦେଶ୍ୟରେ ଭ୍ରମଣ କରିବ । ଏହି ଅବସରରେ ଜିଲାର ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମରେ ନୋଡ଼ାଲ୍ ଅଫିସର ତଥା ଜିଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡ଼.କଲ୍ୟାଣି ମିଶ୍ର , ଅତିରିକ୍ତ ଜିଲା ଚିକିତ୍ସାଧିକାରୀ (ରୋଗ ନିୟନ୍ତ୍ରଣ) ଡ଼.ବସନ୍ତ କୁମାର ପାତ୍ର , ଅତିରିକ୍ତ ଜିଲା ଚିକିତ୍ସାଧିକାରୀ ଡ଼.ପ୍ରଭାକର ସାହୁ , ଏନ୍.ଏଚ୍.ଏମ୍ ଜିଲା ପରିଚାଳକ ମନୋ ରଞ୍ଜନ ସାହୁ ଓ ଅନ୍ୟମାନେ ଉପସ୍ଥିତ ଥିଲେ । ମାନସିକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମର କର୍ମକର୍ତା ,ଦଧିବାମନ ରଥ, ମଧୁମିତା ସାହୁ ଓ ଦେବାଶିଷ୍ ମିଶ୍ରଙ୍କ ମିଳିତ ସହଯୋଗରେ କାର୍ଯ୍ୟ ଅନୁଷ୍ଠିତ ହୋଇଥିଲା । ଅନୁଷ୍ଠିତ କାର୍ଯ୍ୟକ୍ରମର ସୂଚନା ପ୍ରକାରେ,ବର୍ତମାନ ଅନ୍‌ଲାଇନ୍ ମାନସିକ ଶିକ୍ଷା ଭିତିକ କାର୍ଯ୍ୟକ୍ରମ ଆସନ୍ତା ୧୦ ତାରିଖରୁ ୧୬ ତାରିକ ପର୍ଯ୍ରନ୍ତ ଚାଲୁ ରହିବ ଏବଂ ମାନସିକ ସ୍ୱାସ୍ଥ୍ୟ ସଂପର୍କିତ ଶିକ୍ଷା , ଅଭିଜ୍ଞ ଚିକତ୍ସକ ଓ ଅଭିଜ୍ଞ ପରାମର୍ଶ ଦାଦାଙ୍କ ଦ୍ୱାରା ପ୍ରଦାନ କରାଯାଉଛି । ଶିଘ୍ର ରୋଗ ନିରୁପଣ ଓ ଆଶୁ ଚିକତ୍ସା ମାନସିକ ରୋଗ ନିରାକରଣ ପାଇଁ ମାନସିକ ରୋଗ ଚିକିତ୍ସକଙ୍କ ଦ୍ୱାରା ଚିକିତ୍ସା କରାଯିବ ବୋଲି ସୂଚନା ଦିଆଯାଇଛି ।

# ପ୍ରଭାତୀଙ୍କ ପାଇଁ ଭୋଟ ଭିକ୍ଷା କଲେ ଅଭିନେତ୍ରୀ ତଥା ବିଜେପି ନେତ୍ରୀ ପିଙ୍କି ପ୍ରଧାନ



ନିମାପଡା,(ପି.ଏନ): ଜଗତସିଂହପୁର ଲୋକସଭା ର ନିମାପଡା ନିର୍ବାଚ଼ନ ମଣ୍ଡଳୀର ବିଜେପି ପ୍ରାର୍ଥୀ ପ୍ରଭାତୀ ପରିଡା ଚ଼ଳିତ ୨୦୨୪ ସାଧାରଣ ନିର୍ବାଚ଼ନ ପାଇଁ ଟିକେଟ ମିଳିଛି । ଯାହା ଦ୍ୱାରା ନିମାପଡା ନିର୍ବାଚ଼ନ ମଣ୍ଡଳୀରେ ରହିଥିବା ଦୁଇଟି ବ୍ଲକର ବିଜେପି କର୍ମୀଙ୍କ ମଧ୍ୟରେ ନୂଆ ଆଶା ଉଦ୍ଦିପନା ଜାଗୃତ ହୋଇଛି । ଆଜି ଅପରାହ୍ନରେ ନିମାପଡ଼ା ବ୍ଲକ୍ ଆଧିନ ତମ୍ପାଳ ପଞ୍ଚାୟତ ଚ଼ଢେଇ ଗାଁ ରେ ବିଜେପି ପକ୍ଷରୁ ପଦଯାତ୍ରା ମାଧ୍ୟମରେ ପ୍ରଚ଼ାର ଓ ଜନ ସମ୍ପର୍କ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଇଯାଇଛି ।ଅଭିନେତ୍ରୀ ତଥା ବିଜେପି ନେତ୍ରୀ ପିଙ୍କି ପ୍ରଧାନ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ନିମାପଡ଼ା ବିଜେପି ବିଧାୟକ ପ୍ରାର୍ଥି ପ୍ରଭାତୀ ପରିଡ଼ାଙ୍କ ପାଇଁ ଭୋଟ ଭିକ୍ଷା କରିଥିଲେ ।ସାଧାରଣ ନିର୍ବାଚ଼ନକୁ ଦୃଷ୍ଟିରେ ରଖି ନିମାପଡ଼ା ବିଜେପି ପକ୍ଷରୁ ପ୍ରଚ଼ାର ପ୍ରସାର କାର୍ଯ୍ୟ ଜୋରଦାର ଆରମ୍ଭ କରାଯାଇଛି । ସମୟାନୁବର୍ତ୍ତିତା, ପ୍ରତିଶୃତିବଦ୍ଧତା କୁ ପାଳନ କରିବାକୁ ମୁଁ ଜୀବନଠୁ ଅଧିକ ଗୁରୁତ୍ୱ ଦିଏ ।ମୁଁ ଅନ୍ୟ ବିଧାୟକଙ୍କ ଠାରୁ ସମ୍ପୂର୍ଣ୍ଣ ଅଲଗା କାର୍ଯ୍ୟ କରିବି, ଲୋକଙ୍କ ସୁବିଧାକୁ ପ୍ରାଥମିକତା ଦେବି ବୋଲି କହିଛନ୍ତି ପ୍ରଭାତୀ ପରିଡା । ଏହା ଶହ ବିଧାୟକଙ୍କ ନିଜସ୍ୱ ପାଣ୍ଠିକୁ ବାର୍ଷିକ କେତେ ଟଙ୍କା ଆସୁଛି ସେହି ଟଙ୍କା କୋଣ କୋଣ ଜନ କଲ୍ୟାଣ କାର୍ଯ୍ୟରେ କିପରି ନିୟଜିତ କରିହେବ ଏହା ମୋର ପ୍ରତିଶ୍ରୁତି ବୋଲି କହିବା ଶହ ଥରେ ମାତ୍ର ବିଶ୍ୱାସ କରି ମୋତେ ସୁଯୋଗ ଦିଅନ୍ତୁ ବୋଲି ଲୋକଙ୍କୁ ଅନୁରୋଧ କରିଥିଲେ ।ଏହାସହ ବିଜେପି ସରକାରଙ୍କୁ ଦୁଇଟି ଭୋଟ ଦେବା ପାଇଁ ଅନୁରୋଧ କରିଛନ୍ତି ।ପ୍ରଭାତୀଙ୍କ ସ୍ୱଚ୍ଛ ନିର୍ମଳ ଭାବମୂର୍ତ୍ତି ଓ ସ୍ପଷ୍ଟବାଦୀ ମିଳାପି ଆଚ଼ରଣ ଗ୍ରାମର ଲୋକଙ୍କୁ ପ୍ରଭାବିତ କରିବା ସହିତ ଏଥର ନିମାପଡା ରେ ଡବଲ ଇଂଜିନ ସରକାର ଘଠନ ହେବ ଗ୍ରାମର କିଛି କର୍ମୀ କହିଥିଲେ ।




2024-2025

ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

Special discount for new admission before 15.03.2023

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservition as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada

ଖେଳ
ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ
ପର୍ଯ୍ୟବେକ୍ଷକ
୨୬ ବର୍ଷରେ
Bhubaneswar Monday April 22, 2024 | ଭୁବନେଶ୍ୱର ସୋମବାର, ଅପ୍ରେଲ ୨୨,୨୦୨୪ | Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 | www.paryabekhyak.com


# ପୌର ଯନ୍ତ୍ରୀଙ୍କ ବୈଷୟୀକ ତ୍ରୁଟି ଯୋଗୁଁ ଜନତାଙ୍କ କର ର ଅପବ୍ୟବହାରରେ ଲିପ୍ତ ଜୟପୁର ପୌର ଯନ୍ତ୍ରୀ



କୋରାପୁଟ ଜିଲ୍ଲା,(ପି ଏନ୍) : ଜୟପୁର ପୌର ପାଳିକା ଅଧିନରେ ରହିଥିବା ୱାର୍ଡ ନଂ ୧୧ ବିଦ୍ୟାଧର ନୈନିକ ବାଜର ପଛ ପଟରୁ ପ୍ରବେଶ ପଥ ଥିବା ବାଦ୍ରୀୟା ସାହି ନିକଟରେ ପୌରର ସଡକ କୁ ନିଜ ପୈତୃକ ସମ୍ପତି ଭାବି ସଡକ ର ମଧ ଭାଗ ପର୍ଯ୍ୟନ୍ତ ଜବରଦଖଲ କରି ପୁଣି ଦେଖାଉଛନ୍ତି ନାଲି ଆଖି, ଘଟଣା ଟି ହେଉଛି ଜୟପୁର ପୌରକୁ ରାଜ୍ୟ ସରକାର ପୌର ଅଧିନରେ ରହିଥିବା ସାହି ଗୁଡିକୁ ଉନ୍ନତି ଓ ବିକାଶ ନିମନ୍ତେ ବହୁ ଅର୍ଥ ଅନୁଦାନ ପ୍ରଦାନ କରିଛନ୍ତି ଏହା କିନ୍ତୁ ପୌର ଅଧିକାରୀଙ୍କ ଦୃଷ୍ଟିରେ ଥାଇ ମଧ ସରକାରୀ ରାସ୍ତାକୁ ଜବରଦଖଲ କରିବା ପାଇଁ ସୁଯୋଗ ଦେଇଛନ୍ତି, କାରଣ ପ୍ରତି ଦିନ ସେହି ବାଦ୍ରିୟା ସାହି ଜବରଦଖଲ କରିଥିବା ସ୍ଥଳରେ ପ୍ରତ୍ୟେକ ଦିନ ଦୁର୍ଘଟଣା ପରେ ଦୁର୍ଘଟଣା ଘଟୁଛି ଟ୍ରାଫିକ ସମସ୍ୟା କୁ ନେଇ ବ୍ୟବସାୟ କରୁଥିବା ସାଧାରଣ ଗ୍ରାହକ ମଧ ଏହି ରାସ୍ତା ଦେଇ ଯାତାୟାତ କରିଥାନ୍ତି,ଏହି ଟ୍ରାଫିକ ସମସ୍ୟା କୁ ନେଇ ପ୍ରତି ଦିନ ଗଣ୍ଡଗୋଳ କୁ ନେଇ ସାଧାରଣ ଜନତା ଅସନ୍ତସ ପ୍ରକାଶ କରୁଛନ୍ତି। ଏଥି ପାଇଁ ଦାୟୀ କିଏ ଜିଲ୍ଲା ପ୍ରଶାସନ ନା ପୌର ନିର୍ବାହୀ ଅଧିକାରୀ ତାହା ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି, ସାଧାରଣ ଜନତାଙ୍କ ଅଭିଯୋଗ ପରେ ତିଳେ ମଧ କର୍ଣ ପାତ କରୁନାହାନ୍ତି ପୌର ନିର୍ବାହୀ ଅଧିକାରୀ ଏଥିରୁ ସ୍ୱଷ୍ଟ ଭାବରେ ଜଣା ପଡୁଛି ପୌର ନିର୍ବାହୀ ଯନ୍ତ୍ରୀ ଏବଂ ନିର୍ବାହୀ ଅଧିକାରୀ ଙ୍କ ମଧରେ କିଛି ମଧୁ ଚନ୍ଦ୍ରିକା ଅଛି ବୋଲି ସାଧାରଣରେ ପ୍ରଶ୍ନ ଉଠିଛି, ନଚେତ୍ ଆଜିକୁ ବହୁ ମାସ ତଳେ ବାଦ୍ରୀୟା ସାହିର ନାଳ ଉପରେ କୋଭର୍ କରିବା ପାଇଁ ଠିକାଦାର ଟେଣ୍ଡର ମାଧ୍ୟମରେ କାମ କରି ଚାଲିଥିଲା, କିନ୍ତୁ କାମ ସାରି ବହୁତ୍ ମାସ ପରେ ମଧ ରାସ୍ତା ପାର୍ଶ୍ୱରେ ପଡି ରହିଛି ବଡ ବଡ ବଲଡର ପଥର ବର୍ତ୍ତମାନ ସୁଦ୍ଧା ଆଜି ପର୍ଯ୍ୟନ୍ତ କୌଣସି ସ୍ତରରେ ନିୟନ୍ତ୍ରଣ ନ କରି ଠିକାଦାରଙ୍କୁ ସମର୍ଥନ କରିଛନ୍ତି ପୌର ଯନ୍ତ୍ରୀ ଏବଂ ନିର୍ବାହୀ ଅଧିକାରୀ,ଯେଉଁ ଲୋକ ରାସ୍ତା ଅବରୋଧ କରି ଜବରଦଖଲ କରିଛନ୍ତି ରାସ୍ତା ର ଦୁଇ ପାର୍ଶ୍ୱରେ ନୂତନ ଭାବରେ ନାଳ ଉପରେ ଅଳିଆ ଆବର୍ଜନା ନ ପକାଇବା ପାଇଁ ବହୁତ୍ ଉନ୍ନତ ମୂଳକ କାର୍ଯ୍ୟ ହେଲା କିନ୍ତୁ ରାସ୍ତାର ସ୍ଥଳ ଭାଗରୁ ନାଳର ଏକ ଫୁଟ ଉପରକୁ କରିଦେଇଛନ୍ତି, ସାଧାରଣ ଜନତା ଯିବା ଆସିବା କରିବାପାଇଁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି, ଏହି ସବୁ ଭିତିକୁ ନେଇ ଗଣମାଧ୍ୟମ ପ୍ରତିନିଧୀ ଖବର କାଗଜ ରେ ପ୍ରସାରିତ କରିବା ପାଇଁ ପ୍ରସ୍ତୁତ ହୋଇ ଫୋଟୋ ଉଠାଇ ଯାଉଥିବା ସମୟରେ ସମୟରେ ଗଣମାଧ୍ୟମ ପ୍ରତିନିଧୀଙ୍କୁ ଧମକ ମଧ ଦିଆ ଯାଇଛି, ଏଥିରୁ ସ୍ପଷ୍ଟ ଭାବରେ ଜଣା ପଡୁଛି ଜୟପୁର ପୌର ପାଳିକା ରେ ସ୍ୱାସ୍ଥ୍ୟ ପରିମଳ ବିଭାଗରେ କର୍ମଚାରୀ ନୁହନ୍ତି କେବଳ ଗୁଣ୍ଡା ମାନେ ହିଁ ରହିଥାନ୍ତି ବୋଲି ସାଧାରଣରେ ଚର୍ଚ୍ଚାର ବିଷୟ ପାଲଟିଛି। ଏଥି ନିମନ୍ତେ ସରକାରଙ୍କ ରାଜ୍ୟ ଦୁର୍ନୀତି ନିବାରଣ ବିଭାଗ ଦ୍ୱାରା ତୁରନ୍ତ ଏକ ତଦନ୍ତ କରାଯାଉ ବୋଲି ସାଧାରଣରେ ଦାବି ହୋଇଛି।

# ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଜାତୀୟ ଅଗ୍ନି ସେବା ସପ୍ତାହ-୨୦୨୪ ଉଦଯାପିତ






ପାରାଦୀପ,(ପି.ଏନ): ପାରାଦୀପ ବନ୍ଦର ପ୍ରାଧିକରଣ (ପିପିଏ) ପକ୍ଷରୁ ଜାତୀୟ ଅଗ୍ନି ସେବା ସପ୍ତାହ - ୨୦୨୪ ଶନିବାର ଦିନ ଉଦଯାପିତ ହୋଇଯାଇଛି । ବନ୍ଦର ଅଧକ୍ଷ ପି.ଏଲ.ହରନାଦ ଙ୍କ ନିର୍ଦ୍ଦେଶରେ ଚଳିତ ବର୍ଷ ଏପ୍ରିଲ ୧ ରୁ ୨୦ ତାରିଖ ପର୍ଯ୍ୟନ୍ତ ଚାଲିଥିବ ଏହି କାର୍ଯ୍ୟକ୍ରମ ରେ ଅଗ୍ନି ନିରାପତ୍ତା ସଚେତନତା ଅଭିଯାନ ଅନୁଷ୍ଠିତ ହୋଇଯାଇଛି ଯାହା ବନ୍ଦର କର୍ମଚାରୀ ଏବଂ ହିତାଧିକାରୀ ତଥା ସ୍ଥାନୀୟ ଜନସାଧାରଣ ତଥା ସ୍କୁଲ ପିଲାମାନଙ୍କୁ ଅଗ୍ନି ସୁରକ୍ଷା ବିଷୟରେ ସଚେତନତା କରାଯାଇଥିଲା । ବନ୍ଦର ଶିଳ୍ପ ନିରାପତ୍ତା ବାହିନୀ (ସିଆଇଏସଏଫ) ଅଗ୍ନିଶମ ବିଭାଗ କାର୍ଯ୍ୟାଳୟ ପରିସରରେ ଆୟୋଜିତ ଉଦଯାପନୀ ସମାରୋହରେ ପାରାଦୀପ ବନ୍ଦର ଉପାଧ୍ୟକ୍ଷ ନୀଳାଭ୍ର ଦାସଗୁପ୍ତା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ । ପ୍ରାରମ୍ଭରେ ସିଆଇଏସଏଫ କମାଣ୍ଡାଣ୍ଟ ଅକ୍ଷତ ପଟେଲ ନିମନ୍ତ୍ରିତମାନଙ୍କୁ ସ୍ୱାଗତ କରିବା ସହ ବାର୍ଷିକ ବିବରଣୀ ଉପସ୍ଥାପନ କରିଥିଲେ । ଏହି ଅବସରରେ ଏକ ଆକର୍ଷଣୀୟ ଜୀବନ୍ତ ଅଗ୍ନି-ଉଦ୍ଧାରକାରୀ ଏବଂ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ କୌଶଳ ପ୍ରଦର୍ଶନ କରାଯାଇଥିଲା । ଏତଦବ୍ୟତୀତ ଏହି ସପ୍ତାହ ବ୍ୟାପି ସଚେତନତା ଅଭିଯାନରେ ବେଥାନି,ଡିଏଭି, କେଭି, ଏନଏସି ବିଦ୍ୟାଳୟ ଛାତ୍ରଛାତ୍ରୀ ମାନଙ୍କୁ ଅଗ୍ନି ନିରାପତ୍ତା ସଚେତନତା କରାଯିବା ସହ ବିଭିନ୍ନ ପ୍ରବନ୍ଧ, କୁଇଜ୍, ଚିତ୍ରାଙ୍କନ ଏବଂ ସ୍ଲୋଗାନ୍ ପ୍ରତିଯୋଗିତା ଏବଂ ଫାୟାର ଡ୍ରିଲ ପ୍ରତିଯୋଗିତାର ବିଜେତାମାନଙ୍କୁ ମୁଖ୍ୟ ଅତିଥି ତଥା ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ପୁରସ୍କୃତ ଓ ସମ୍ମାନିତ କରିଥିଲେ । ଶେଷରେ ଅଗ୍ନିଶମ ବିଭାଗ ଡେପୁଟି କମାଣ୍ଡାଣ୍ଟ ବିଷ୍ଣୁ ସ୍ୱରୂପ ସମସ୍ତ ମାନ୍ୟଗଣ୍ୟ ତଥା ଆମନ୍ତ୍ରିତ ବ୍ୟକ୍ତିଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ କମ୍ପାନୀ କମାଣ୍ଡର ଫାୟାର ୱିଙ୍ଗ ଇନ୍ସପେକ୍ଟର ଭାସ୍କର ଦାସ ପରିଚାଳନା କରିଥିଲେ ।




# ଧର୍ମଗଡ ବିଧାନ ସଭା ନିର୍ବାଚନରେ ନିର୍ଣ୍ଣାୟକ ହେବେ ଅନୁସୂଚିତ ଜାତି, ଜନଜାତି

ଭବାନୀପାଟଣା,(ପି.ଏନ): ଚଳିତ ନିର୍ବାଚନରେ ଜାତି ଭିତ୍ତିକ ରାଜନୀତି ନେଇ ବିଭିନ୍ନ ଦଳ ଅଙ୍କ କଷୁଥିବା ଆଭାସ ଏବେ ପ୍ରମୁଖ ସମସ୍ୟା ଭାବେ ଉଭା ହୋଇଛି, ଏହି ନିର୍ବାଚନ ମଣ୍ଡଳୀରେ ବିଜେଡିରୁ ପୁଷ୍ପେନ୍ଦ୍ର ସିଂହଦେଓ ଟିକଟ ପାଇଥିବା ବେଳେ କଂଗ୍ରେସରୁ ରଶ୍ମି ରେଖା ରାଉତ ଓ ବିଜେପିରୁ ସୁଧିର ରଞ୍ଜନ ପଟ୍ଟଯୋଶି ଟିକଟ ପାଇଛନ୍ତି, ଯଦିଓ ନାମାଙ୍କନ ପତ୍ର ଦାଖଲ କରିନଥିଲେ ବି ଏମାନଙ୍କୁ ନେଇ ଏବେଠୁ ଆଲୋଚନା ଜାରି ରହିଛି,ବିଗତ ଦିନମାନଙ୍କର ରେକର୍ଡ଼କୁ ନିରିଖେଇ ଦେଖିଲେ ଜାତି ଭିତ୍ତିକ ରାଜନୀତି ଏଅଞ୍ଚଳରେ ପ୍ରମୁଖ ପ୍ରସଙ୍ଗ ହୋଇ ଆସିଥିବା ପ୍ରମାଣିତ ହୋଇ ଆସିଛି,ଗତ ନିର୍ବାଚନରେ ଏଭଳି କାରଣରୁ ମୌଷଧି ବାଗ ବିଧାୟକ ହୋଇଥିବା ଏହାର ଜ୍ୱଳନ୍ତ ଉଦାହରଣ,ଏଥର କିନ୍ତୁ ଏଥିରେ ବ୍ୟତିକ୍ରମ ଦେଖାଦେବା ସମ୍ଭାବନା ରହିଛି, କଂଗ୍ରେସ ପ୍ରାର୍ଥିନୀ ରଶ୍ମି ରେଖା ରାଉତ ପଛୁଆ ବର୍ଗ ଅର୍ଥାତ ଯାଦବ ସଂପ୍ରଦାୟରୁ ଆସିଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତିଙ୍କ ଭୋଟ ଏଠାରେ ନିର୍ଣ୍ଣାୟକ ହେବା ସମ୍ଭାବନା ରହିଛି,ଗତଥର ଭଳି ଯାଦବ ସଂପ୍ରଦାୟ ବିଧାୟକ ମୌଷଧ ବାଗଙ୍କୁ ଏକତରଫା ଭୋଟ ଦେଲା ଭଳି କଂଗ୍ରେସ ପ୍ରାର୍ଥିନୀ ରଶ୍ମି ରେଖା ରାଉତଙ୍କୁ ଭୋଟ ଦିଅନ୍ତି ତେବେ ପୂର୍ବ ଭଳି ଅନୁରୂପ ଘଟଣାକୁ ଏଡାଇ ଦିଆଯାଇନପାରେ, ବିଜେଡିକୁ ଧର୍ମଗଡକୁ ଜିଲ୍ଲାର ମାନ୍ୟତା ପ୍ରସଙ୍ଗ,ଦଳିୟ ଗୋଷ୍ଠୀ କନ୍ଦଳ ସମେତ ଆମଦାନୀ ନେତା ପ୍ରସଙ୍ଗ ମୁଣ୍ଡ ବ୍ୟଥାର କାରଣ ପାଲଟିଛି,ବିଜେପିରେ ମଧ ସମଦଶା ପରିଲକ୍ଷିତ ହେବାରେ ଲାଗିଛି, ପ୍ରାର୍ଥୀଙ୍କୁ ନେଇ ଦଳିୟ କିଛି ନେତା ଅସନ୍ତୋଷ ବ୍ୟକ୍ତ କରୁଥିବା ବେଳେ ସାଂସଦ ପ୍ରାର୍ଥିନୀ ଓ ବିଧାୟକ ପ୍ରାର୍ଥୀଙ୍କ ସମର୍ଥକ ମାନଙ୍କ ମଧରେ ମତାନ୍ତର ମନାନ୍ତର ଲାଗିରହି ଥିବା ଚର୍ଚ୍ଚା ହେଉଛି,ଏନ୍ୟଏକ କାରଣ ହେଲା କଂଗ୍ରେସ ଅନୁସୂଚିତ ଜାତିର କଳାହାଣ୍ଡି ଜିଲ୍ଲା ସାଂସଦ ପ୍ରାର୍ଥନୀ ଭାବେ ଦୈପଦୀ ମାଝିଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇଛି, ବିଧାୟକ ଓ ସାଂସଦ ଭାବେ ଦୁଇ ଜଣ ମହିଳାଙ୍କୁ ନିର୍ବାଚନ ମଇଦାନକୁ ଓହ୍ଲାଇ ମହିଳା କାର୍ଡ ଖେଳି ମହିଳା ଭୋଟ ଆକଟ ସହ ହାତେଇବାକୁ ପ୍ରୟାସ କରିଥିବା ବେଳେ ଅନୁସୂଚିତ ଜାତି ଓ ଜନଜାତି ଭୋଟକୁ ବଜାୟ ରଖିବାକୁ ଉଦ୍ୟମ କରିଛି, କଂଗ୍ରେସ ଉପରେ ଭରସା କରିପାରୁନଥିବା କଂଗ୍ରେସିଆ ଭୋଟକୁ ନିଜ ସପକ୍ଷରେ ନେଇ ବିଜେଡି ବିଗତ ଦିନରେ ସଫଳ ହୋଇଥିବା ବେଳେ ଚଳିତ ନିର୍ବାଚନ ରଣାଙ୍ଗନରେ ଏହି ଭୋଟ ହିଁ ନିର୍ଣ୍ଣାୟକ ଭୂମିକା ଗ୍ରହଣ କରିବା ସମ୍ଭାବନା ଏବେଠୁ ବାରି ହୋଇ ପଡୁଛ।

# କଂଗ୍ରେସ ଭବନରେ ଜାନକୀ ବାବୁଙ୍କ ଶ୍ରଦ୍ଧାଞ୍ଜଳି



ଭୁବନେଶ୍ୱର,(ପି.ଏନ): ଆଧୁନିକ ଓଡ଼ିଶାର ବିନ୍ଧାଣୀ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ, ଆସାମର ପୂର୍ବତନ ରାଜ୍ୟପାଳ ପ୍ରଜ୍ଞା ପୁରୁଷ ଜାନକୀ ବଲ୍ଲଭ ପଟ୍ଟନାୟକଙ୍କ ୯ମ ଶ୍ରାଦ୍ଧ ଦିବସ ଅବସରରେ ପ୍ରଦେଶ କଂଗ୍ରେସ କାର୍ଯ୍ୟାଳୟ କଂଗ୍ରେସ ଭବନ ଠାରେ କଂଗ୍ରେସ ସେବାଦଳ ପକ୍ଷରୁ ପୁଷ୍ପାର୍ଘ୍ୟ ପ୍ରଦାନ ଉତ୍ସବ ଓ ଶ୍ରଦ୍ଧାଞ୍ଜଳି ସଭା ରାଜ୍ୟ ସେବାଦଳ ଅଧକ୍ଷ ଡଃ ଆର୍ଯ୍ୟ କୁମାର ଜ୍ଞାନେନ୍ଦ୍ରଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ସ୍ୱର୍ଗତ ପଟ୍ଟନାୟକଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ପରେ ଏକ ମିନିଟ ନୀରବ ପ୍ରାର୍ଥନା ପରେ ପୂର୍ବ ପ୍ରଶାସକ ପଂଚାନନ ଦାଶ ସ୍ୱର୍ଗତ ଜାନକୀ ବଲ୍ଲଭ ପଟ୍ଟନାୟକ ଉଦ୍ଦେଶ୍ୟରେ ସ୍ମୃତି ଚାରଣ କରି କହିଲେ ଯେ ଆଜି ଆମେ ଯେଉଁ ଓଡ଼ିଶା ଦେଖୁଛେ, ଏହି ଆଧୁନିକ ଓଡ଼ିଶାର ପ୍ରକୃତ ବିନ୍ଧାଣୀ ଥିଲେ ସ୍ୱର୍ଗତ ପଟ୍ଟନାୟକ। ତାଙ୍କର ୧୪ ବର୍ଷ ଶାସନ ଥିଲା ଓଡ଼ିଶା ପାଇଁ ସୁବର୍ଣ୍ଣ ଯୁଗ। ପୂର୍ବ ପ୍ରଶାସକ ତଥା ଗାନ୍ଧୀ ଶାନ୍ତି ପ୍ରତିଷ୍ଠାନର ରାଜ୍ୟ ସଂପାଦକ ଜୟନ୍ତ ଦାସ ସ୍ମୃତି ଚାରଣ କରି କହିଲେ ଯେ ୧୯୮୦ ମସିହାରେ ଓଡ଼ିଶାର ଆର୍ଥିକ ବ୍ୟବସ୍ଥା ଅତ୍ୟନ୍ତ ଦୁର୍ବଳ ଥିଲା। କିନ୍ତୁ ତାଙ୍କର ଦୃଢ଼ ଇଚ୍ଛାଶକ୍ତି ବଳରେ ଓଡ଼ିଶାର ଯୁବକଙ୍କୁ କର୍ମନିଯୁକ୍ତି ପାଇଁ ସେ ଯେଉଁ ହଜାର ଦିନର ହଜାର କୋଟି ଟଙ୍କାର ହଜାର ଶିଳ୍ପର ଆହ୍ୱାନ ଦେଲେ ତାହା ଥିଲା, ଓଡ଼ିଶା ଉନ୍ନତିର ମୂଳଭିତି। କାର୍ଯ୍ୟକ୍ରମ ଆରମ୍ଭରେ ପ୍ରଦେଶ କଂଗ୍ରେସ ସେବାଦଳ ସଂଗଠକ ଜ୍ୟୋତିଷ କୁମାର ସାହୁ, ସ୍ୱାଗତ ଭାଷଣ ଓ ସାଧାରଣ ସଂପାଦକ ମହମ୍ମଦ ଶାହାଦୁଲ୍ଲା ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କଂଗ୍ରେସ ନେତା ସଂକୁନା କହଁର, କାର୍ଯ୍ୟାଳୟ ସଂପାଦକ ବୈଦ୍ୟନାଥ ସ୍ୱାଇଁ, ସେବାଦଳ କର୍ମକର୍ତା କୁଳମଣି ସାହୁ, ବରୁଣ ରାଜ, ପ୍ରସନ୍ନ ପାଇକରାୟ, ଖଗେଶ୍ୱର ମଲ୍ଲିକ ପ୍ରମୁଖ ବହୁ ଛାତ୍ର, ଯୁବକ ଉପସ୍ଥିତ ଥିଲେ।

## ଆଜି ବିଶ୍ୱ ଧରିତ୍ରୀ ଦିବସ : ପୃଥିବୀ ଜଳୁଛି, ସୁରକ୍ଷା ଲୋଡୁଛି, ପରିବେଶ ଓ ଜଳସ୍ଥର ସୁରକ୍ଷା ଅଭିଯାନ ଆରମ୍ଭ




ଭୁବନେଶ୍ୱର,(ପି.ଏନ): ଆଜି ବିଶ୍ୱ ଧରିତ୍ରୀ ଦିବସ। ଧରିତ୍ରୀ ମାଆକୁ ସମ୍ମାନ ଓ ସୁରକ୍ଷା ଦେବା ପାଇଁ ପ୍ରତିବର୍ଷ ଏପ୍ରିଲ୍ ୨୨ ତାରିଖଟିକୁ ବିଶ୍ୱ ଧରିତ୍ରୀ ଦିବସ ରୂପେ ପାଳିତ ହୋଇଥାଏ। ସଂପ୍ରତି ଜଳବାୟୁ ପରିବର୍ତ୍ତନ, ବିଶ୍ୱତାପନ ଓ ମଣିଷର ଅମାନୁଷିକ କାର୍ଯ୍ୟକଳାପ ଯୋଗୁଁ ଜୈବ ବିବିଧତା ବିପର୍ଯ୍ୟସ୍ତ। ସର୍ବୋପରି ମଣିଷର ସ୍ୱେଚ୍ଛାଚାରୀ କାର୍ଯ୍ୟକଳାପ ଯୋଗୁଁ ଧରିତ୍ରୀ ମାଆର ସ୍ୱାସ୍ଥ୍ୟ ଓ ସୁରକ୍ଷା ପାଇଁ ସଙ୍କଟ ଆଣିଦେଇଛି। ଏହି ପରିପ୍ରେକ୍ଷୀରେ ସ୍ମାର୍ଟନଗରୀ ଭୁବନେଶ୍ୱରର ସାମାଜିକ କର୍ମୀ ତଥା ପରିବେଶବିତ୍ ଲିଙ୍ଗରାଜ ସାହୁ ଜନସଚେତନତା ସୃଷ୍ଟି ଉଦ୍ଦେଶ୍ୟରେ ପୃଥିବୀ ଜଳୁଛି, ସୁରକ୍ଷା ଲୋଡୁଛି ଉପରେ ଆଧାରିତ ପରିବେଶ ଓ ଜଳସ୍ଥର ସୁରକ୍ଷା ଅଭିଯାନ ଆରମ୍ଭ କରିଛନ୍ତି । ପ୍ରଥମେ ଐତିହ୍ୟ ଏକାମ୍ର କ୍ଷେତ୍ରରେ ଏହି ଅଭିଯାନ ଆରମ୍ଭ କରାଯାଇଛି। ମିଳିତ ମହାମଂଚ ପକ୍ଷରୁ ଲିଙ୍ଗରାଜ ସାହୁଙ୍କ ଅଧକ୍ଷତାରେ ବାସୁଦେବ ନାଥ, ପ୍ରଦ୍ୟୁମ୍ନ କୁମାର ମହାନ୍ତ ଓ ବହୁ ଯୁବକ ଓ ଯୁବତୀ ସାମିଲ ହୋଇ ସଚେତନତା ଶୋଭାଯାତ୍ରା ଓ ସଭାରେ ସାମିଲ ହୋଇଥିଲେ। ସମଗ୍ର ବିଶ୍ୱକୁ ଏକ ବଳିଷ୍ଠ ବାର୍ତା ଦେବା ପାଇଁ ପ୍ରୟାସ କରିବା ସହ ପୃଥିବୀର ସୁରକ୍ଷା ପାଇଁ 'ସେଭ୍ ଦି ଆର୍ଥର ଏକ ସ୍ଲୋଗାନକୁ ସ୍ଥାନିତ କରି ଜନସାଧାରଣଙ୍କ ସହଯୋଗ ଲୋଡ଼ିଛନ୍ତି। ଶ୍ରୀ ସାହୁ ଏ ସମ୍ପର୍କରେ କୁହନ୍ତି ଆଜି ଆମେ ବିକାଶ ଓ ବିନାଶର ଦୋଛକିରେ ପହଂଚିଗଲୁଣି। ବିଶ୍ୱତାପନକୁ ଆମେ ଇଂରାଜୀ ଭାଷାରେ ଗ୍ଲୋବାଲ୍ ୱାର୍ମିଂ ବୋଲି କହୁଛେ। ବର୍ତ୍ତମାନ ମେରୁ, ତରୁ, ମରୁ ସବୁ ତତଲା। ଦେଖିବାକୁ ଗଲେ ଗୋଟିଏ ପଟେ ମେରୁ ତରଳିବାରେ ଲାଗିଛି। ଅନ୍ୟପଟେ ସମୁଦ୍ରର ଜଳପତନ ବଢିଚାଲିଛି। ଆଉ କିଛିବର୍ଷ ପରେ ସମୁଦ୍ର ଗର୍ଭରେ ଲୀନ ହୋଇଯିବ ଅନେକ ଜନବସତି ଯାହା ଏବେଠୁ ପରିବେଶ ବିଜ୍ଞାନୀମାନେ ସତର୍କ କରାଇ ସାରିଲେଣି। ମରୁଭୂମି ପାଲଟିଯିବ ଶସ୍ୟ, ଶ୍ୟାମଳାପୂର୍ଣ୍ଣ ଧରିତ୍ରୀ, ଶୁଖିଯିବ ଭୂତଳଜଳ। ଶୁଦ୍ଧ ବାୟୁ ଓ ଶୁଦ୍ଧ ପାନୀୟ ଜଳ ମିଳିବନି। ସର୍ବଗ୍ରାସୀ କରାଳ ଗ୍ରାସରେ ଆମେ ବିଲୀନ ହୋଇଯିବା ସୁନିଶ୍ଚିତ ହୋଇପଡ଼ିଲାଣି। ଏଣୁ ଧରିତ୍ରୀ ମାଆର ସୁରକ୍ଷା ପାଇଁ ପ୍ରତିଟି ସଂାନ ଏବେଠାରୁ ତା'ର ସେବା ଓ ସୁରକ୍ଷାରେ ନିଜକୁ ସମର୍ପିତ କରନ୍ତୁ ବୋଲି ଶ୍ରୀ ସାହୁ ଏହି ପରିପ୍ରେକ୍ଷୀରେ ଜନସାଧାରଣଙ୍କୁ ନିବେଦନ କରିଛନ୍ତି।

Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751<0 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751<5, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com
ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray